# ସଞ୍ଚୟ ଦିଦିଙ୍କ ଠିକଣା ମହାନଦୀ ପଠା

(ଦିନେଶ ଦେହୁରୀ)
ଅନୁଗୋଳ ସହର,୨୦।୧

ହାତ ଗଣତି କେତେଜଣଙ୍କୁ ବାଦ୍ ଦେଲେ ବାକି ପ୍ରାୟତଃ ମୂଲିଆ ଶ୍ରେଣୀର ଲୋକ। କେଉଁଠି କିଛି ମୂଲ ଲାଗିଲେ ସେମାନଙ୍କ ହାତକୁ ଆସେ ଦୁଇପଇସା। ସେଥିରୁ ପରିବାରର ପେଟ ପାଇଁ ରଖି ଅଳ୍ପ ସଞ୍ଚୟ କରିବାକୁ ଇଚ୍ଛା ଥିଲେ ବି ଜଙ୍ଗଲାଞ୍ଚଳ ହୋଇଥିବାରୁ ବ୍ୟାଙ୍କ ନିକଟରେ ପହଞ୍ଚିବା ହୋଇପଡୁଛି କାଠିକର ପାଠ। ଶହେ ଟଙ୍କା ରଖିବାକୁ ଗଲେ ପଚାଶ ଟଙ୍କା ଖର୍ଚ୍ଚ ହେବ ସେମାନଙ୍କର। ଏପରି ଏକ ଅଞ୍ଚଳର ଶ୍ରମଜୀବୀ ମଣିଷମାନଙ୍କ ସଞ୍ଚୟର ଭରସା ପାଲଟିଛନ୍ତି ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଟିକରପଡ଼ା ପଞ୍ଚାୟତର ସୁଭାଶିନୀ ସାହୁ। ୨୦ କିମି ଦୂର ଜଗନ୍ନାଥପୁର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ସହାୟକ ଭାବେ କାର୍ଯ୍ୟ କରୁଥିବା ସୁଭାସିନୀ ପଞ୍ଚାୟତର ବିଭିନ୍ନ ଗାଁରେ ବୁଲି ଯୋଗାଉଛନ୍ତି ବ୍ୟାଙ୍କ ସେବା। ହେଲେ ଏଥିପାଇଁ କମ୍ କଷ୍ଟ କରିବାକୁ ପଡୁନି ତାଙ୍କୁ। ପଞ୍ଚାୟତରେ ଇଣ୍ଟରନେଟ୍ ସେବା ଉପଲବ୍ଧ ହେଉ ନ ଥିବାରୁ ଫଏଣ୍ଟ ଅଫ୍ ସେଲ୍ (ପିଓଏସ୍) ମେଶିନ ଧରି ଦୈନିକ ୮ କିମି ଦୂର ଘାଟସାହି ମୁହାଁଣ ମହାନଦୀ ପଠାରେ ଜଗି ବସିବାକୁ ପଡୁଛି ତାଙ୍କୁ। ସ୍ୱଳ୍ପ ସମୟ ପାଇଁ ସେଠାରେ ନେଟ୍ ସଂଯୋଗ ମିଳୁଥିବାରୁ ସେହି ସମୟରେ ହିଁ ସେ କରିପାରୁଛନ୍ତି ଜମା ଆଉ ଉଠାଣ।

ସାତକୋଶିଆ ଅଭୟାରଣ୍ୟ ମଧ୍ୟରେ ଥିବା ଟିକରପଡ଼ା ପଞ୍ଚାୟତରେ ଟିକରପଡ଼ା, କୁଶଖଳି, କରଡ଼ାପଡ଼ା, କଟରଙ୍ଗ, ଗଇନ୍ଦି, ବେହେରାସାହି, ମଝିପଡ଼ା ଆଦି ଗ୍ରାମ ରହିଛି। ବ୍ଲକ ସଦର ମହକୁମାରୁ ଏହି ପଞ୍ଚାୟତର ଦୂରତା ୬୦ କିଲୋମିଟର। ୧୦ କିମି ଦୂରରେ ପୁରୁଣାକୋଟ ଥାନା ଥିଲେ ବି ସେଠାରେ କୌଣସି ବ୍ୟାଙ୍କ ନାହିଁ। ୨୦ କିମି ଦୂର ଜଗନ୍ନାଥପୁରରେ ଯେଉଁ ଗ୍ରାମ୍ୟ ବ୍ୟାଙ୍କ ରହିଛି ସେଠାରେ ପହଞ୍ଚିବାକୁ ଏହି ଶ୍ରମିକ ଶ୍ରେଣୀର ଲୋକଙ୍କୁ ୫୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ତେଣୁ ମିଳୁଥିବା ମୂଳ ମଜୁରିରୁ କିଛି ବଳାଇ ଭବିଷ୍ୟତ ପାଇଁ ସଞ୍ଚୟ କରିବାର ଇଚ୍ଛା ଥିଲେ ମଧ୍ୟ ଖର୍ଚ୍ଚାନ୍ତ ସହ ସମୟ ବାହାର କରି ଏତେବାଟ ଆସିବା ସେମାନଙ୍କ ପକ୍ଷେ ସମ୍ଭବ ହେଉନାହିଁ। ତେଣୁ ଗତ ୪ ବର୍ଷ ହେଲା ଉପରୋକ୍ତ ଗାଁର ଲୋକମାନଙ୍କୁ ବ୍ୟାଙ୍କ ସେବା ଯୋଗାଇ ଦେଉଛନ୍ତି ଗଇନ୍ଦି ଗ୍ରାମର ସୁଭାଶିନୀ ସାହୁ। ଜଗନ୍ନାଥପୁର ଗ୍ରାମ୍ୟ ବ୍ୟାଙ୍କର ଏକ ପିଓଏସ୍ ମେଶିନ ରଖିଥିବା ସହାୟକ ସୁଭାସିନୀ ସେଥିରେ ଟଙ୍କା ଜମା କରିବା ସହ ଉଠାଣର ସୁବିଧା ପଞ୍ଚାୟତବାସୀଙ୍କୁ ଯୋଗାଇ ଦେଉଛନ୍ତି। ନିଜ ଗାଁଠାରୁ ୮ କିମି ଦୂର ପଞ୍ଚାୟତର ମାତ୍ର ଗୋଟିଏ ସ୍ଥାନ ଟିକରପଡ଼ା ମହାନଦୀ ଗଣ୍ଡ ଘାଟସାହି ମୁହାଣରେ ଦୈନିକ କିଛି ସମୟ ପାଇଁ ଇଣ୍ଟରନେଟ୍ ଆସୁଥିବାରୁ ସେହି ସମୟକୁ ଅପେକ୍ଷା କରି ସୁଭାସିନୀ ସେଠାରେ ବସି ରହୁଛନ୍ତି। ପ୍ରତିଦିନ ସେ ୧ ହଜାରରୁ ୫ ହଜାର ପର୍ଯ୍ୟନ୍ତ ଟଙ୍କା ଜମା କରୁଛନ୍ତି। ଥରକୁ ୧୦ ହଜାର ଟଙ୍କା ଉଠାଣ ସୁବିଧା ସେ ମେଶିନ ମାଧ୍ୟମରେ ଦେଇପାରୁଛନ୍ତି। ତାଙ୍କ ପାଇଁ ପଞ୍ଚାୟତର ୧୫୦ ଗରିବ ହିତାଧିକାରୀ ଉକ୍ତ ବ୍ୟାଙ୍କର ଗ୍ରାହକ ହୋଇପାରିଛନ୍ତି। ଟିକରପଡ଼ା ଗ୍ରାମର ମାଧବ ନାଏକ କୁହନ୍ତି, ସୁଭାଶିନୀଙ୍କ ଯୋଗୁ ଆମେ କିଛି ଟଙ୍କା ସଞ୍ଚୟ କରିପାରୁଛୁ। ଯଦି ଶହେ ଟଙ୍କା ଜମା କରିବାକୁ ଜଗନ୍ନାଥପୁର ଯିବୁ ତାହେଲେ ୫୦ ଟଙ୍କା ଖର୍ଚ୍ଚ ହେଉଛି। ଆଜି ନଦୀପଠାରେ ବସି ସୁଭାଶିନୀ ମୋର ୧ ଶହ ଟଙ୍କା ଜମା କରିଛନ୍ତି। ଗଇନ୍ଦି ଗ୍ରାମର ସଞ୍ଜୁକ୍ତା ସାହୁ କୁହନ୍ତି, ସ୍ୱାମୀଙ୍କୁ ଲୁଚାଇ ଏକ ଖାତା ଖୋଲିଛି। ପଞ୍ଚାୟତରେ ଆଉ ସୁବିଧା ନ ଥିବାରୁ ଟଙ୍କା ଜମା କରିବାକୁ ସୁଭାଶିନୀଙ୍କ ସହ ନଦୀପଠାକୁ ଯିବାକୁ ପଡୁଛି। ତାଙ୍କ ପାଇଁ ବ୍ୟାଙ୍କରେ କିଛି ଟଙ୍କା ଜମା କରିପାରିଛି। ଏ ନେଇ ସୁଭାଶିନୀ କହିଛନ୍ତି, ୪ ବର୍ଷ ହେଲା ଲୋକଙ୍କୁ ଏପରି ସେବା ଯୋଗାଇ ଆସୁଛି। ଅଳ୍ପ ସମୟ ପାଇଁ ହେଉପଛେ ନଦୀ ପଠାରେ ବସି ଲୋକେ ବ୍ୟାଙ୍କ ସେବା ପାଉଥିବାରୁ ଖୁସି ହୋଇଯାଉଛନ୍ତି। ପ୍ରତିଦିନ କିଏ କେତେ ଟଙ୍କା ଜମା କରିବାକୁ ଚାହୁଁଛନ୍ତି ସେ ନେଇ ଖବର ଦେଲେ ପାଳି କରି ଗାଁକୁ ଯାଇଥାଏ। ଥରକୁ ୧୦ ହଜାର ଟଙ୍କା ଜଣେ ବ୍ୟକ୍ତି ଉଠାଇ ପାରିବେ। କିନ୍ତୁ ଏଥିପାଇଁ ପୂର୍ବରୁ ଖବର ଦେଲେ ସେହି ଅନୁଯାୟୀ ବ୍ୟାଙ୍କକୁ ଯାଇ ଟଙ୍କା ଆଣିଥାଏ। ତେବେ ନେଟ୍ ଉପରେ ସବୁକିଛି ନିର୍ଭର। ଯେଉଁ ଦିନ ନେଟ୍ ରହୁନାହିଁ ସେ ଦିନ ଜମା ହୋଇପାରୁନାହିଁ। ୮ ଦିନ ହେଲା ଇଣ୍ଟରନେଟ୍ ସ୍ଲୋ ରହୁଥିବାରୁ ଉଠାଣ କରିହେଉ ନାହିଁ। ମାସକୁ ୫୦ରୁ ଅଧିକ ଲୋକଙ୍କ ଏକ ଲକ୍ଷ ଟଙ୍କା ଜମା କଲେ ବ୍ୟାଙ୍କ ପକ୍ଷରୁ ୨୫ଶହ ଟଙ୍କା ମିଳୁଛି। ସେଥିରୁ ଇଣ୍ଟରନେଟ୍ ବାବଦକୁ ୨୫୦ ଟଙ୍କା ଓ ବ୍ୟାଙ୍କ ଖର୍ଚ୍ଚ ପାଇଁ ୨୫୦ ଟଙ୍କା ରଖୁଛି। ସପ୍ତାହକୁ ୩ଥର ବ୍ୟାଙ୍କକୁ ଯିବାକୁ ପଡୁଛି। ଘର ଘର ବୁଲି ଟଙ୍କା ସଂଗ୍ରହ କରି ନଦୀପଠାରେ ବସି ଜମା କରୁଛି। ୫୦ରୁ ଊର୍ଦ୍ଧ୍ୱ ମହିଳା ସଂଘ, ପ୍ରସୂତି, ଗାଁର ଗରିବ ଲୋକେ କିଛି ଟଙ୍କା ଜମା କରିପାରିଥିବାରୁ ଖୁସି ଲାଗୁଛି। ୪ ବର୍ଷ ମଧ୍ୟରେ ପ୍ରାୟ ୫୦ ଲକ୍ଷ ଟଙ୍କା କାରବାର କରିସାରିଥିବା ସୁଭାଶିନୀ ପ୍ରକାଶ କରିଛନ୍ତି।


ଟିକରପଡ଼ା ଘାଟସାହି ମହାନଦୀଗଣ୍ଡ ପଠାରେ ବସି ସୁଭାଶିନୀ ପିଓଏସ୍ ମେଶିନ୍ ମାଧ୍ୟମରେ ଲୋକଙ୍କ ଟଙ୍କା ବ୍ୟାଙ୍କରେ ଜମା କରୁଛନ୍ତି।

- ଇଣ୍ଟରନେଟ୍ ସୁବିଧା ପାଇଁ ଧାଉଁଛନ୍ତି ୮ କି.ମି.
- ପଞ୍ଚାୟତରେ ଯୋଗାଉଛନ୍ତି ବ୍ୟାଙ୍କ ସେବା
- ଗଢୁଛନ୍ତି ଗରିବଙ୍କ ଭବିଷ୍ୟତ

## ସଂକ୍ଷେପରେ

### ଆଜି ଅନୁଗୋଳ ଗସ୍ତରେ ଆସୁଛନ୍ତି ଗୃହ କମିଟି

ଅନୁଗୋଳ ଅଫିସ, ୨୦।୧- ଯାଜପୁର ଜିଲା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଗୃହ କମିଟିର ୨୨ ଜଣିଆ ଟିମ୍ ମଙ୍ଗଳବାର ଅନୁଗୋଳ ଜିଲା ଗସ୍ତରେ ଆସିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବିଧାୟକ ଓ ଏମ୍‌ପିଙ୍କ ସହ ଜିଲା ପ୍ରଶାସନ କିପରି ତାଳମେଳ ରଖୁଛି ତଥା ବ୍ଲକ୍ ସର୍କୁଲାର-୪୭ର ଏହି କମିଟି ସମୀକ୍ଷା କରିବେ। ବିଭିନ୍ନ ସମୟରେ ରାଜ୍ୟରେ କାର୍ଯ୍ୟ କରୁଥିବା ପ୍ରଶାସନିକ ଅଧିକାରୀମାନେ ସ୍ଥାନୀୟ ବିଧାୟକ ଓ ଏମ୍‌ପିଙ୍କ ବିକାଶମୂଳକ ପ୍ରସ୍ତାବକୁ ଗୁରୁତ୍ୱ ପ୍ରଦାନ କରନ୍ତି ନାହିଁ। ତେଣୁ ଜିଲାରେ ଥିବା ପ୍ରଶାସନିକ ଅଧିକାରୀମାନେ କିପରି ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ସମ୍ପର୍କ ରଖୁଛନ୍ତି ତାହାର ଅନୁଧାନ କମିଟି ପକ୍ଷରୁ କରାଯିବ ବୋଲି ସୂଚନା ମିଳିଛି। ଅପରାହ୍ନ ୧ଟାରେ କମିଟି ଅନୁଗୋଳରେ ପହଞ୍ଚି ଏହି ସମୀକ୍ଷା କରିବା ପରେ ୩ଟାରେ ରେଢ଼ାଖୋଲ ଅଭିମୁଖେ ଯାତ୍ରା କରିବେ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### କବି ପ୍ରତିଭା ସମ୍ବର୍ଦ୍ଧିତ



ବଇଣ୍ଡା,୨୦।୧(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ତ୍ରିଧାରା ସାହିତ୍ୟ ସଂସଦର ସଦସ୍ୟା ତଥା କବି ପ୍ରତିଭା ସାହୁଙ୍କୁ ଶନିବାର ପୁରୀସ୍ଥିତ ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦର ୧୨ତମ ବାର୍ଷିକ ଉତ୍ସବରେ ଶ୍ରୀକ୍ଷେତ୍ର ସାରସ୍ୱତ ସମ୍ମାନ ୨୦୨୦ରେ ସମ୍ମାନିତ କରାଯାଇଛି। ସଂସଦ ସଭାପତି ହରେକୃଷ୍ଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ର ଯୋଗଦେଇ ପ୍ରତିଭାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ଭାଷା ସାହିତ୍ୟ ଗବେଷକ ଡ. ଲକ୍ଷ୍ମୀଧର ଦାସ, ଡ. କାର୍ତ୍ତିକ ଦାସ, ସୂର୍ଯ୍ୟମଣି ଦାସ, ଶିବସୁନ୍ଦର ମିଶ୍ର ଯୋଗ ଦେଇଥିଲେ।

### ବୋଦାକୁ ନେଇ ଗଣ୍ଡଗୋଳ, ଜଣେ ଗିରଫ

ଅନୁଗୋଳ ଅଫିସ, ୨୦।୧- ଅନୁଗୋଳ ଥାନା କରଡ଼ାଗାଡ଼ିଆରେ ଏକ ବୋଦାକୁ ନେଇ ଦୁଇ ପଡ଼ୋଶୀ ଶୁକ୍ରୁ ବିଶ୍ୱାଳ ଓ ସୁଶାନ୍ତ କଟାରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ସୁଶାନ୍ତଙ୍କ ଆକ୍ରମଣରେ ଶୁକ୍ରୁ ଆହତ ହୋଇଥିବା ତାଙ୍କ ସ୍ତ୍ରୀ କେସିନୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୭୧/୨୦ରେ ସୁଶାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, କରଡ଼ାଗାଡ଼ିଆର ଶୁକ୍ରୁ ଘରେ ରଖିଥିବା ଏକ ବୁଲା ବୋଦା ଅସୁସ୍ଥ ହେବାରୁ ତାକୁ ଗାଁ ମୁଣ୍ଡରେ ଛାଡ଼ି ଦେଇଥିଲେ। ପଡ଼ୋଶୀ ସୁଶାନ୍ତ ଏ ନେଇ ଶୁକ୍ରୁଙ୍କୁ ଗାଳି ଗୁଲଜ କରିବା ସହ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

### ପାଠପଢ଼ା ପ୍ରତି ଅଧିକ ଧ୍ୟାନ ଦେବାକୁ ଆହ୍ୱାନ

ଛେଣ୍ଡିପଦା,୨୦।୧(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ଉଗୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଈଶ୍ୱର ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଅଧ୍ୟାପକ ଲକ୍ଷ୍ମଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜେନାମଣି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପାଠପଢା ପ୍ରତି ଅଧିକ ଧ୍ୟାନ ଦେବା ପାଇଁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟର ଉତ୍ତମ ବାତାବରଣ ପାଇଁ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଶିକ୍ଷକ ପୁରୁଷୋତ୍ତମ ସାହୁ ମଞ୍ଚ ପରିଚାଳନା କରିଥିଲେ। ସିଆର୍‌ସି ତ୍ରିଲୋଚନ ଗଡନାୟକ ଧନ୍ୟବାଦ ଦେଇଥିଲେ।

## ଟାଟା ଷ୍ଟିଲ ବିଏସ୍ଏଲ୍ ଲିଟିଲହାର୍ଟ୍ସର ବାର୍ଷିକ ଉତ୍ସବ



ଲିଟିଲ୍‌ହାର୍ଟ୍ସ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

ଅନୁଗୋଳ ଅଫିସ, ୨୦।୧

ଅନୁଗୋଳ ଟାଟା ଷ୍ଟିଲ ବିଏସ୍ଏଲ୍ ପରିସରରେ ପ୍ରତିଷ୍ଠିତ ଲିଟିଲ ହାର୍ଟ୍ସ ଟଡଲରସ୍ ଏକାଡେମୀର ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ କମ୍ପାନୀର ବରିଷ୍ଠ ଅଧିକାରୀ ସଞ୍ଜୟ ଗୁପ୍ତା ଓ ତାଙ୍କ ସ୍ତ୍ରୀ ବେଲା ଗୁପ୍ତା ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ସୃଜନଶୀଳତା ବିକାଶରେ ଅଭିଭାବକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସ୍କୁଲ ପ୍ରତିଷ୍ଠାତା ଜ୍ୟୋତି ଗୋହିଲ ଆଧୁନିକ ଶିକ୍ଷା ବ୍ୟବସ୍ଥା ଓ ଶିଶୁମାନଙ୍କ ଭବିଷ୍ୟତ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଫ୍ୟାଶନ୍ ଶୋ' ସହ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଘାଟନୀ ଦିବସରେ କମ୍ପାନୀର ପ୍ରଶାସନିକ ମୁଖ୍ୟ ପ୍ରଭାତ ଶର୍ମା ଓ ତାଙ୍କ ସ୍ତ୍ରୀ ଡଲି ଶର୍ମା ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲ ସଂଯୋଜିକା ସସ୍ମିତା ବାନାର୍ଜୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମାରୋହରେ ରୂପାଲି ସିହ୍ନା ମଞ୍ଚ ପରିଚାଳନା କରିଥିଲେ।

## ଛାତ୍ରୀଛାତ୍ରମାନେ କ୍ରୀଡ଼ା ପ୍ରତି ଆଗ୍ରହ ରଖନ୍ତୁ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଛେଣ୍ଡିପଦା,୨୦।୧(ସ୍ୱ.ପ୍ର.)

**ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲରେ କ୍ରୀଡ଼ା ପ୍ରତିଯୋଗିତା**

ଛେଣ୍ଡିପଦା ବ୍ଲକ ବଡମହିତଳା ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅଧ୍ୟକ୍ଷ ଫକୀରମୋହନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓପି ଜିନ୍ଦଲ ଉଚ୍ଚବିଦ୍ୟାଳୟ ଅଧ୍ୟକ୍ଷ ଛନ୍ଦାଚରଣ ଦାସ, ସିଏସ୍ଆର୍ ଏଜିଏମ୍ ଆଶୁତୋଷ ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଉଚ୍ଚବିଦ୍ୟାଳୟର ୨୮୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜେଏସ୍‌ପିଏଲ୍‌ର କ୍ରୟ ବିକ୍ରୟ ଉପସଭାପତି(ଏଭିପି) ଅକ୍ଷୟ କୁମାର ମିଶ୍ର ଅଧ୍ୟକ୍ଷତା କରି ଛାତ୍ରୀଛାତ୍ରମାନେ କ୍ରୀଡା ପ୍ରତି କିପରି ଆଗ୍ରହ ପ୍ରକାଶ କରିବେ ସେ ନେଇ ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ତାଳଚେର ଥର୍ମାଲ ଡିଏଭି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ତପସ୍ୱିନୀ ମିଶ୍ର, ଜେଏସ୍‌ପିଏଲ୍ ସିଏସ୍ଆର(ଜିଏମ୍)ପୁଷ୍ପଲତା ଶତପଥୀ ଯୋଗ ଦେଇଥିଲେ। ଦୁଃଶାସନ ବେହେରା, ସ୍ମିତାରାଣୀ ଖିଲାରୀ, ଆରତୀ ମହାପାତ୍ର, ଚିତ୍ତରଞ୍ଜନ ଦାସ, ପ୍ରଦ୍ୟୁମ୍ନ ଜେନା, ଅର୍ଣ୍ଣବ ପଣ୍ଡା, ଏସ୍.କେ. ହେମୟାତୁଲା ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ମଧୁମିତା ସାହୁ ପରିଚାଳନା କରିଥିବାବେଳେ ଦିପ୍ତୀରେଖା ଦାସ ଧନ୍ୟବାଦ ଦେଇଥିଲେ।

## ଟ୍ରେନ୍‌ରୁ ଖସି ଡାକ୍ତରଙ୍କ ମୃତ୍ୟୁ

ବଇଣ୍ଡା,୨୦।୧(ଡି.ଏନ.ଏ.)

**ଶିରିଡିସାଇଙ୍କୁ ଦର୍ଶନ କରି ଫେରୁଥିଲେ**

ମୁମ୍ବାଇସ୍ଥିତ ଶିରିଡିସାଇଙ୍କୁ ଦର୍ଶନ କରି ଫେରୁଥିବା ବେଳେ ଅନୁଗୋଳ ଜିଲା ହଣ୍ଡପା ଥାନା ବଇଣ୍ଡା ରେଳ ଷ୍ଟେଶନଠାରେ ଟ୍ରେନ୍‌ରୁ ଖସିପଡ଼ି ଜଣେ ଡାକ୍ତରଙ୍କ ମୃତ୍ୟୁ ହୋଇଛି। ସୋମବାର ସନ୍ଧ୍ୟାରେ ଘଟିଛି ଏହି ଦୁର୍ଘଟଣା। ମୃତ ଡାକ୍ତର ହେଉଛନ୍ତି ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲର ଡାକ୍ତର କୁଞ୍ଜବିହାରୀ ସାମଲ। ତାଙ୍କ ଘର ଢେଙ୍କାନାଳ ଜିଲା ଗଁନ୍ଦିଆ ଥାନା ଚିରୁଲୋଇ ଗ୍ରାମରେ। ଘଟଣାରୁ ପ୍ରକାଶ ଯେ, ଡା. କୁଞ୍ଜବିହାରୀ ମୁମ୍ବାଇରୁ ଶିରିଡିସାଇ ଏକ୍ସପ୍ରେସ ଯୋଗେ ଭୁବନେଶ୍ୱର ଫେରୁଥିଲେ। ବଇଣ୍ଡାଠାରେ ଟ୍ରେନ୍ ଅଟକିଥିବାବେଳେ ସେ କୌଣସି କାରଣରୁ ବସିଥିବା ବଗିରୁ ଓହ୍ଲାଇ ସମ୍ମୁଖ ବଗିକୁ ଯାଉଥିଲେ। ହେଲେ ଲଗେଜ ଧରି ବଗିକୁ ଚଢ଼ି ନ ପାରି ରେଳ ଧାରଣାରେ ଖସିପଡ଼ିଥିଲେ। ଘଟଣାସ୍ଥଳରେ ହିଁ ଡାକ୍ତରଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ବଇଣ୍ଡା ଫାଣ୍ଡି ରେଲୱେ ପୋଲିସ ଓ ହଣ୍ଡପା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ବ୍ୟବସାୟୀଙ୍କ ପରଲୋକ

ବଇଣ୍ଡା,୨୦।୧(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳର ପୁରାତନ ବ୍ୟବସାୟୀ ଦାମୋଦର ବେହେରାଙ୍କ ରବିବାର ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ପରଲୋକକୁ ନେଇ ବଇଣ୍ଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ମୋ ସରକାର ☎14545
ଓଡ଼ିଶା ଶାସନ
FICCI

କୃଷି ଓଡ଼ିଶା
୨୦-୨୪ ଜାନୁଆରୀ, ୨୦୨୦
ଜନତା ମଇଦାନ, ଭୁବନେଶ୍ୱର, ଓଡ଼ିଶା
ଦ୍ୱିତୀୟ ଦିନର କାର୍ଯ୍ୟକ୍ରମ
୨୧ ଜାନୁଆରୀ, ୨୦୨୦ (ମଙ୍ଗଳବାର) ସନ୍ଧ୍ୟା ୫ ଘଟିକା
ସମବାୟ ଏବଂ ବ୍ୟାଙ୍କିଙ୍ଗ୍ ଦିବସ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ
ମାନ୍ୟବର ମନ୍ତ୍ରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ

ସମ୍ମାନିତ ଅତିଥି
ଶ୍ରୀଯୁକ୍ତ କୃତିବାସ ପାତ୍ର
ଉପଦେଷ୍ଟା, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ
ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀଯୁକ୍ତ ଅସିତ ପଟ୍ଟନାୟକ
ଅଧ୍ୟକ୍ଷ, ଓଡ଼ିଶା ମତ୍ସ୍ୟ ଉନ୍ନୟନ ନିଗମ ଲିଃ.
ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ମହାପାତ୍ର, ଭା.ପ୍ର.ସେ.
କୃଷି ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା
ଶ୍ରୀଯୁକ୍ତ ଏମ୍.କେ. ମଲ୍ଲ
ଆଞ୍ଚଳିକ ନିର୍ଦ୍ଦେଶକ, ଆର୍.ବି.ଆଇ. ଭୁବନେଶ୍ୱର
ଶ୍ରୀଯୁକ୍ତ ଏସ୍. କୁମାର
ମଣ୍ଡଳ ମୁଖ୍ୟ ପରିଚାଳକ, ୟୁକୋ ବ୍ୟାଙ୍କ, ଭୁବନେଶ୍ୱର

ସଭାପତି
ଡଃ ଅରୁଣ କୁମାର ସାହୁ
ମାନ୍ୟବର ମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ,
ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ, ଉଚ୍ଚ ଶିକ୍ଷା, ଓଡ଼ିଶା

ସ୍ୱାଗତ ଭାଷଣ
ଶ୍ରୀଯୁକ୍ତ ଭି. ଭି. ଯାଦବ, ଭା.ପ୍ର.ସେ.
କମିଶନର ତଥା ଶାସନ ସଚିବ,
ସମବାୟ ବିଭାଗ, ଓଡ଼ିଶା

ଧନ୍ୟବାଦ ଅର୍ପଣ
ଶ୍ରୀଯୁକ୍ତ ଡି. କେ. ଜେନା, ଭା.ପ୍ର.ସେ.
ପରିଚାଳନା ନିର୍ଦ୍ଦେଶକ,
ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ, ଭୁବନେଶ୍ୱର

କୃଷି ପ୍ରଦର୍ଶନୀ, ଆଲୋଚନା ଚକ୍ର, କୃଷକ-ବୈଜ୍ଞାନିକ ଆଲୋଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆପଣମାନଙ୍କୁ ସାଦର ନିମନ୍ତ୍ରଣ
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର
01034/13/0040/1920
DSPL-239

## ସଂକ୍ଷେପରେ

### ଉଚ୍ଚ ବିଦ୍ୟାପୀଠରେ କ୍ରୀଡ଼ା ଉତ୍ସବ

ବଇଣ୍ଡା,୨୦।୧(ଡି.ଏନ.ଏ.)- କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ବଡ଼ହୁଲା ଗ୍ରାମରେ ଥିବା ସ୍ୱପ୍ନେଶ୍ୱରଜୀଉ ଉଚ୍ଚ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୂଦନ ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଶୂନ୍ୟବାସୀ ସାହୁ, ଦିଲୀପ କୁମାର ପ୍ରଧାନ, ଯୋଗେଶ୍ୱର ସାହୁ, ସଞ୍ଜୟ କୁମାର ସାହୁ, ଲିଲି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଖେଳ ଶିକ୍ଷକ ବରୁଣ କୁମାର ଦେହୁରି ଖେଳ ପରିଚାଳନା କରିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପାଟଣା,୨୦।୧(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ଥାନା ଟାଙ୍ଗରପଡା ପଞ୍ଚାୟତ ଗାଲଫୁଲା ଗ୍ରାମର ଜଣେ ୨୭ ବର୍ଷର ଯୁବକଙ୍କ ଝୁଲନ୍ତା ମୃତଦେହ ଘର ଭିତରୁ ସୋମବାର ସକାଳୁ ପୋଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣକ ହେଉଛନ୍ତି ସାଗର ନାଏକ। ସୂଚନା ଅନୁଯାୟୀ ସାଗର ସ୍କାଏ ଲାଇଟରେ ତାଙ୍କ ମା'ଙ୍କ ଲୁଗା କାନୀ ଚିରି ସେଥିରେ ଫାଶି ଦେଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ପ୍ରାଥମିକ ତଦନ୍ତରେ ଏହା ଏକ ପ୍ରେମ ଜନିତ ଆତ୍ମହତ୍ୟା ବୋଲି ଅନୁମାନ କରିଛି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୦) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନାଧିକାରୀ ସନ୍ଧ୍ୟା ରାଣୀ ଜେନା ସୂଚନା ଦେଇଛନ୍ତି। ସୋମବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଶିକ୍ଷକତା ସହିତ ସାମାଜିକ କାର୍ଯ୍ୟ

କେନ୍ଦୁଝର ୨୦।୧ (ସ୍ୱ.ପ୍ର.)- ଶିକ୍ଷକତା ହେଉଛି କର୍ମ। ସାମାଜିକ କାର୍ଯ୍ୟ ହେଉଛି ଧର୍ମ। ଏଭଳି ଉଦ୍ଦେଶ୍ୟ ରଖି କାର୍ଯ୍ୟ କରିଆସୁଛନ୍ତି ସ୍ଥାନୀୟ ନରସିଂହ ସ୍ୱାଇଁ ପୋଲିସ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବିଜୟ କୁମାର ବେହେରା । ବିଦ୍ୟାଳୟରେ ପାଠ ପଢ଼ାଇବା ସହ ଏନସିସି, ସ୍କାଉଟ ଓ ଗାଇଡ ପିଲାଙ୍କୁ ତାଲିମ ଦେବା, ଚାରା ରୋପଣ କରିବା ବିଭିନ୍ନ ସ୍ୱତନ୍ତ୍ର ଦିନରେ ଚାରା ଉପହାର ଦେଇ ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ସଚେତନତାର ବାର୍ତ୍ତା ଦେଇଆସୁଛନ୍ତି। ସେହିପରି ବିଭିନ୍ନ ସେବା ମୂଳକ କାର୍ଯ୍ୟ କରିବା ସହ ସର୍ବସାଧାରଣ ସ୍ଥାନର ସଫେଇ କାର୍ଯ୍ୟ କରି ସ୍ୱଚ୍ଛ ଭାରତର ବାର୍ତ୍ତା ବାଣ୍ଟୁଛନ୍ତି। ଏଥିପାଇଁ ସେ ଉଭୟ ସାମାଜିକ ଓ ଶିକ୍ଷାଦାନ କାର୍ଯ୍ୟରେ ପାଇଛନ୍ତି ବହୁ ସମ୍ମାନ, ସମ୍ବର୍ଦ୍ଧନା ଓ ପ୍ରଶଂସାପତ୍ର। ନିକଟରେ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ସ୍ଲୋଗାନ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ସ୍ଥାନ ଗ୍ରହଣ କରି ପୁରସ୍କୃତ ହୋଇଥିଲେ।

### ବାସୁଦେବଙ୍କୁ ଶିକ୍ଷାବିତ ସମ୍ମାନ ପ୍ରଦାନ

ତେଲକୋଇ, ୨୦।୧- ପ୍ରଫେସର ଜଗମୋହନ ରାଠୋର ସ୍ମୃତି ସଂସଦ ପକ୍ଷରୁ କଟକର ରାମଚନ୍ଦ୍ର ଭବନ ଠାରେ ରବିବାର ସନ୍ଧ୍ୟାରେ ଏକ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ତେଲକୋଇ ବାଳିକା ଉଚ୍ଚବିଦ୍ୟାଳୟର ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ବାସୁଦେବ ମହାନ୍ତଙ୍କୁ ମାଧମିକ ଶିକ୍ଷା ସମ୍ମାନ ପ୍ରଦାନ କରାଯାଇଥିଲା।

# କ୍ରାଇମବ୍ରାଞ୍ଚ ତଦନ୍ତ ଦାବିରେ ଥାନା ଘେରାଉ

**ଆଦିବାସୀ ଯୁବକଙ୍କ ମୃତ୍ୟୁ ଘଟଣା**

ପାଲଲହଡା,୨୦।୧(ଡି.ଏନ.ଏ.)

ପାଲଲହଡା ଥାନା ବଡିସୁଆଁ ପଞ୍ଚାୟତ ସୋଲଡା ଗ୍ରାମର ବୁଧୁରାମ କୁଙ୍କାଲଙ୍କ ମୃତ୍ୟୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ, କ୍ଷତିପୂରଣ ପ୍ରଦାନ ଏବଂ ଦୋଷୀ ବନକର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ସ୍ଥାନୀୟ ଆଦିବାସୀ ମଞ୍ଚ ଏବଂ ହୋ ସମାଜ ପକ୍ଷରୁ ପାଲଲହଡା ଥାନା ଘେରାଉ କରାଯାଇଥିଲା। ଆଦିବାସୀ ନେତା ଲକ୍ଷ୍ମଣ ହେମ୍ବ୍ରମ, ଚନ୍ଦ୍ରମୋହନ ମୁଣ୍ଡରୀ, ଈଶ୍ୱରଚନ୍ଦ୍ର ପିଙ୍ଗୁଆଙ୍କ ନେତୃତ୍ୱରେ ୧୦୦ରୁ ଉର୍ଦ୍ଧ୍ୱ ଆଦିବାସୀ ମହିଳାପୁରୁଷ ଶୋଭାଯାତ୍ରାରେ ଆସି ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ମୃତ ବୁଧୁରାମଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା, ସ୍ତ୍ରୀଙ୍କୁ ସରକାରୀ ଚାକିରି ପ୍ରଦାନ ଏବଂ ଫରେଷ୍ଟର, ବନକର୍ମଚାରୀଙ୍କୁ ବାରଖାସ୍ତ ସହ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଦାବି କରାଯାଇଥିଲା। ଖବରପାଇ ଉପଖଣ୍ଡ ପୋଲିସ ଅଧିକାରୀ ଯଶୋବନ୍ତ ସାମଲ ପହଞ୍ଚି ଆଦିବାସୀ ନେତାଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ପରେ ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଆଦିବାସୀ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପାଲଲହଡା ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଯଦି ସମସ୍ତ ଦାବି ପୂରଣ କରା ନ ଯାଏ ତା'ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ପ୍ରକାଶଥାଉ କି, ଗତ ଡିସେମ୍ବର ୨୦ରେ ବୁଧୁରାମ ସ୍ତ୍ରୀ ପ୍ରମିଳା ସହିତ ନିକଟସ୍ଥ ଜଙ୍ଗଲରୁ ଜାଳେଣି କାଠ ଧରି ସନ୍ଧ୍ୟାରେ ଫେରୁଥିବାବେଳେ ଫରେଷ୍ଟର ଭାରତୀ କପରଦାର ଏବଂ ଅନ୍ୟ ସହଯୋଗୀମାନେ ସେମାନଙ୍କ ପିଛା କରିଥିଲେ। ଫଳରେ ଉଭୟେ ଭୟରେ ଦୌଡ଼ିଥିଲେ। ପ୍ରମିଳା ଘରକୁ ଫେରିଆସିଥିବାବେଳେ ବୁଧୁରାମ ଫେରି ନ ଥିଲେ। ପରଦିନ ସକାଳେ ବୁଧୁରାମଙ୍କ ମୃତଦେହ ମେଡିକାଲରେ ଥିବା ତାଙ୍କ ସ୍ତ୍ରୀ ଜାଣିବାକୁ ପାଇଥିଲେ।



ଆଦିବାସୀ ମଞ୍ଚ ଏବଂ ହୋ ସମାଜ ପକ୍ଷରୁ ଥାନା ଘେରାଉ କରାଯାଇଛି।

# ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ୍

**ବିବାହ ପ୍ରତିଶ୍ରୁତି ଦେଇ କରିଥିଲେ ବଳାତ୍କାର**

ଅନୁଗୋଳ ଅଫିସ, ୨୦।୧

ଅନୁଗୋଳ ଜିଲା ରେଙ୍ଗାଳି ଥାନା ଅଞ୍ଚଳରେ ୨୦୧୩ର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ସୋମବାର ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ୍ ପ୍ରଭାକର ଗଣ୍ଡିଆ ଅଭିଯୁକ୍ତ ପ୍ରଶାନ୍ତ ସାମଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟ ସ୍ଥଳେ ଅଧିକ ୬ ମାସ ଜେଲ ଦଣ୍ଡ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲା ଅନୁଯାୟୀ, ଦଶମ ଶ୍ରେଣୀରେ ପଢୁଥିବା ସମ୍ପୃକ୍ତା ନାବାଳିକାଙ୍କ ସହ ଅଭିଯୁକ୍ତ ପ୍ରଶାନ୍ତ ପ୍ରଥମେ ପ୍ରେମ ସମ୍ପର୍କ ରଖିଥିଲେ। ମାଟ୍ରିକ୍ ପରୀକ୍ଷା ସରିବା ପରେ ନାବାଳିକାଙ୍କୁ ଘରୁ ନେଇ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ୨୦୧୩ ମାର୍ଚ୍ଚ ୨୦ ସନ୍ଧ୍ୟାରେ ଅଭିଯୁକ୍ତ ନାବାଳିକାଙ୍କୁ ଫୋନ କରି ଘର ବାହାରକୁ ଡାକିଥିଲେ। ନାବାଳିକା ଜଣଙ୍କ ବାହାରକୁ ଆସିବା ପରେ ତାଙ୍କୁ କିଛି ଦୂରକୁ ନେଇ ଅନିଚ୍ଛାସତ୍ତ୍ୱେ ଶାରୀରିକ ସମ୍ପର୍କ ରଖିଥିଲେ। ୩/୪ ମାସ ପରେ ବିବାହ କରିବେ ବୋଲି ଅଭିଯୁକ୍ତ କହିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପାଟି ଶୁଣି ନାବାଳିକାଙ୍କ ମା' ପହଞ୍ଚିବାରୁ ଅଭିଯୁକ୍ତ ପ୍ରଶାନ୍ତ ତାଙ୍କୁ ଧକ୍କା ମାରିବା ସହ ନାବାଳିକାଙ୍କୁ ମାଡ଼ ମାରି ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ସେହି ମାସ ୨୪ ତାରିଖରେ ନାବାଳିକା ରେଙ୍ଗାଳି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପ୍ରଶାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୫ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ୍ ଅଭିଯୁକ୍ତ ପ୍ରଶାନ୍ତଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡ ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସରୋଜ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବଅଁରପାଳ,୨୦।୧(ଡି.ଏନ.ଏ.)

ବଅଁରପାଳ ବ୍ଲକ ବୁଢ଼ାପଙ୍କ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବୁଢ଼ାପଙ୍କ ସରପଞ୍ଚ ଉତ୍ସବ ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବୁଢ଼ାପଙ୍କ ଅଗ୍ନିସେବା ଅଧିକାରୀ କରୁଣାକର ସାମଲ, ସମ୍ମାନିତ ଅତିଥି ଭାବେ ପ୍ରକାଶ କୁମାର ସିଂ, ଛାତ୍ରନେତା ଦିବ୍ୟରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପରିଜା ସଭାପତିତ୍ୱ କରିଥିଲେ। ଶିକ୍ଷକ ଶିଶିର କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ପ୍ରତିଯୋଗିତାରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ୭ କେଜି କୁଟୁରା ମାଂସ ଜବତ

ଆଠମଲ୍ଲିକ,୨୦।୧(ଡି.ଏନ.ଏ.)

କୁଟୁରା ମାଂସ ଚାଲାଣ ବେଳେ ବନ ବିଭାଗ ଚଢାଉ କରି ସୋମବାର ୨ଜଣଙ୍କୁ ଅଟକ ରଖିଛି। ଏଥିରେ ବ୍ୟବହୃତ ବାଇକ୍‌କୁ ମଧ୍ୟ ଜବତ କରାଯାଇଛି। ଡିଏଫ୍‌ଓ ସମ୍ୟକ ସାମନ୍ତରା କହିଛନ୍ତି, ଅଏଡା ପଞ୍ଚାୟତ କୁଟୁଗାଁ ଜଙ୍ଗଲରେ ଏକ କୁଟୁରାକୁ ବନ୍ଧୁକ ଦ୍ୱାରା ଶିକାର କରାଯାଇଥିଲା। ପରେ ମାଂସକୁ ଲୁହାସିଙ୍ଗା ଗ୍ରାମର ବିଭୂତି ସାହୁ ଓ ସୁଶୀଲ ଦେହୁରୀ ବାଇକ୍ (ନଂ. ଓଡି୧୯କେ୦୮୪୨) ଯୋଗେ ନେଇ ଯାଉଥିବାବେଳେ ପତାକା ସେକ୍ସନ ଅଫିସ୍ ସମ୍ମୁଖରେ ବନବିଭାଗ ଚଢାଉ କରିଥିଲା। ଚଢାଉରେ ଆଠମଲ୍ଲିକରେ ଅଫିସ୍‌ର କୈଳାସ ସାହୁଙ୍କ ସମେତ ବିଭାଗୀୟ କର୍ମଚାରୀ ସାମିଲ ଥିଲେ।

# ଭାଜପାର କର୍ମୀ ସମ୍ମିଳନୀ



ସମ୍ମିଳନୀରେ ଭାଜପା ନେତା ଓ କର୍ମୀମାନେ।

ଛେଣ୍ଡିପଦା,୨୦।୧(ସ୍ୱ.ପ୍ର.)

ଅନୁଗୋଳ ଜିଲା ପାତ୍ରପଡା ବାୟାଣୀ ପୀଠ ନିକଟରେ ରବିବାର ବରସାହି ଭାଜପା ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରସାହି ଭାଜପା କମିଟି ସଭାପତି ଇନ୍ଦ୍ରମଣି ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କର୍ମୀ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଜିଲା ଭାଜପା ସଭାପତି ଦୀଲେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି ଜିଲା ସମ୍ପାଦକ ବିଜୟ ମାଝି, ରାଜ୍ୟ କର୍ଯକାରିଣୀ ସଦସ୍ୟ ଅଗସ୍ତି ବେହେରା, ଭାଜପା ଯୁବନେତା ସୁଦୀପ୍ତ ଗଡନାୟକ ପ୍ରମୁଖ ଯୋଗଦେଇ ତୃଣମୂଳସ୍ତରରୁ ଦଳକୁ କିଭଳି ମଜବୁତ କରାଯାଇପାରିବ ତାହା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଜୟ ସାହୁ, ବେଣୁଧର ଦେହୁରୀ, ବିପିନ ନାଥ, ସୁରେଶ ପ୍ରଧାନ, ପ୍ରଦୀପ ସେଠୀ, ପ୍ରଶାନ୍ତ ଗଡନାୟକ, ଉମାକାନ୍ତ ଗଡନାୟକଙ୍କ ସମେତ ୧୬ ଜଣ ଭାଜପାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରସାହି ଭାଜପା ସମ୍ପାଦକ ନିରଞ୍ଜନ ବେହେରା, ବୀରବର ବାରିକ, ମନୋରଞ୍ଜନ ଆଚାର୍ଯ୍ୟ, ତ୍ରିଲୋଚନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ନୀଳମଣି, ପ୍ରକାଶଙ୍କୁ ସ୍ୱର୍ଣ୍ଣ ପଦକ

ଅନୁଗୋଳ ଅଫିସ, ୨୦।୧

ସମ୍ବଲପୁରର ବିକାଶ ଖେଳପଡ଼ିଆରେ ଆୟୋଜିତ ମାଷ୍ଟର୍ସ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଅନୁଗୋଳର ନୀଳମଣି ଦାସଙ୍କୁ ଗୋଟିଏ ଓ ପ୍ରକାଶ ଗଡ଼ନାୟକଙ୍କୁ ୨ଟି ସ୍ୱର୍ଣ୍ଣ ପଦକ ମିଳିଛି। ୫ କିଲୋମିଟର ଚାଲିରେ ୫୫ ବର୍ଷରୁ ଉର୍ଦ୍ଧ୍ୱ ବିଭାଗରେ ନୀଳମଣି ଏହି କୃତିତ୍ୱ ହାସଲ କରିଛନ୍ତି। ସେ ଜେଏସ୍‌ପିଏଲ୍‌ର ହର୍ଟିକଲଚର ଡିପାର୍ଟମେଣ୍ଟରେ ସୁପରଭାଇଜର ଭାବେ କାର୍ଯ୍ୟରତ ଅଛନ୍ତି। ଦୀର୍ଘ ୨୨ ବର୍ଷର କ୍ରୀଡ଼ା କ୍ୟାରିୟରରେ ସେ ୪୦ରୁ ଉର୍ଦ୍ଧ୍ୱ ପଦକ ବିଜୟୀ ହୋଇପାରିଛନ୍ତି। ସେହିପରି କଣିହାଁ ବ୍ଲକ ପବିତ୍ରନଗରର ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ପ୍ରକାଶ ୧୦୦ ମିଟର ଓ ୪୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଆସନ୍ତା ଫେବୃୟାରୀ ୫ରୁ ୯ ପର୍ଯ୍ୟନ୍ତ ଗୁଜରାଟର ବରୋଦାଠାରେ ହେବାକୁଥିବା ଜାତୀୟ ମାଷ୍ଟର୍ସ୍ ଆଥଲେଟିକ୍ ମିଟ୍‌ରେ ଭାଗ ନେବାକୁ ନୀଳମଣି ଓ ପ୍ରକାଶ ଯୋଗ୍ୟ ବିବେଚିତ ହୋଇଛନ୍ତି।





ନୀଳମଣି ଓ ପ୍ରକାଶ।

# ଟାଏକୋଣ୍ଡୋ ପୁମ୍‌ସେରେ ଜିଲାକୁ ୫ ସ୍ୱର୍ଣ୍ଣ ସହ ୧୦ ପଦକ

ଅନୁଗୋଳ ଅଫିସ, ୨୦।୧

ଭୁବନେଶ୍ୱରସ୍ଥିତ ସେଣ୍ଟ ଜାଭିୟର୍ସ ସ୍କୁଲ ଠାରେ ଗତ ୧୮ ଓ ୧୯ ତାରିଖରେ ଅନୁଷ୍ଠିତ ଅଷ୍ଟମ ଆନ୍ତଃ ବିଦ୍ୟାଳୟସ୍ତରୀୟ ଟାଏକୋଣ୍ଡୋ ପୁମ୍‌ସେ ପ୍ରତିଯୋଗିତାରେ ଅନୁଗୋଳ ଜିଲାର ପ୍ରତିଯୋଗୀମାନେ ୫ ସ୍ୱର୍ଣ୍ଣ ସହ ୧୦ ପଦକ ବିଜୟୀ ହୋଇଛନ୍ତି। ରୋଟାରି ପବ୍ଲିକ ସ୍କୁଲର ଆରାଧ୍ୟା ମହନ୍ତ, ବିଶ୍ୱରଞ୍ଜନ ବାରିକ, ରଶ୍ମିଜିତ ଦାସ, କ୍ଷିତିଜ୍ ବ୍ରହ୍ମା, ରାଜସୂୟା ସାହୁ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଉକ୍ତ ସ୍କୁଲର ଶ୍ରିୟାଶ୍ରୀ ପ୍ରଧାନ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେହିପରି ଓଡ଼ିଶା ବ୍ରିଗେଡ ସ୍କୁଲର ପ୍ରତୀକ କୁମାର ମହାପାତ୍ର ରୌପ୍ୟ ଓ ଶୁଭମ୍ ମହାପାତ୍ର କାଂସ୍ୟ ପଦକ ହାସଲ କରିଛନ୍ତି। ଓ.ପି. ଜିନ୍ଦଲ ସ୍କୁଲର ରୁଦ୍ର ଜେଠୁଆ ରୌପ୍ୟ ପଦକ ଜିତିଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟର ପ୍ରିୟାଂଶୁ ସାହୁ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ସଫଳତା ପାଇଁ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ଜିଲା ଟାଏକୋଣ୍ଡୋ ସଂଘ ସଭାପତି ନୀଳମଣି ରାଉତ, ଉପସଭାପତି ରାଜେଶ ଦାଶ, ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ପ୍ରଦୀପ ଦେବତା ପ୍ରତିଯୋଗୀମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ସମ୍ପୃକ୍ତ ପ୍ରତିଯୋଗୀମାନେ ଜିଲା ଟାଏକୋଣ୍ଡୋ ସଂଘ ସମ୍ପାଦକ ଦୁଶ୍ୟନ୍ତ କୁମାର ନାଥଙ୍କ ତତ୍ତ୍ୱାବଧାନରେ ସଫଳତା ଅର୍ଜନ କରିଛନ୍ତି। ବାଳିକା ବିଭାଗର କୋଚ ଓ.ପି. ଜିନ୍ଦଲ ସ୍କୁଲର ଶିକ୍ଷୟିତ୍ରୀ ତପସ୍ୱିନୀ ପ୍ରଧାନ, ବ୍ରିଗେଡ ସ୍କୁଲର ଶିକ୍ଷକ ଚିତ୍ତରଞ୍ଜନ ମହନ୍ତ ବାଳକ ବିଭାଗର କୋଚ ଭାବେ ପ୍ରତିଯୋଗୀମାନଙ୍କୁ ନେଇ ଭୁବନେଶ୍ୱର ଯାଇଥିଲେ।




ସଫଳତା ପାଇଥିବା ପ୍ରତିଯୋଗୀମାନେ।

# ଜାତୀୟ ଯୁବ ଦିବସ ଉଦ୍‌ଯାପିତ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ଖମାର, ୨୦।୧

ପାଲଲହଡା ବ୍ଲକ ଜେନାପଡା ଯୁବକ ସଂଘରେ ନେହେରୁ ଯୁବ କେନ୍ଦ୍ର ପ୍ରୋତ୍ସାହନରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ୭ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ସୌରଭ କୁମାର ସାହୁ ଓ ସୁମିତ୍ରା ମହାକୁଳ ଯୋଗଦେଇଥିଲେ। ସଭାପତି ଭାବେ ଅବସରପ୍ରାପ୍ତ ଶିକ୍ଷକ ଦାଶରଥି ବେହେରା ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାର ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜେନାପଡା ଯୁବକ ସଂଘ ସଭାପତି ଓ ସମ୍ପାଦକ ତପନ ଜିତ, କୃଷ୍ଣ ଚନ୍ଦ୍ର ଦେହୁରୀ ଧନ୍ୟବାଦ ଦେଇଥିଲେ।

# ଦୁଇଦିନିଆ ଶୁଟିଂ ଚାମ୍ପିୟନଶିପ୍ ଉଦ୍‌ଯାପିତ

ତାଳଚେର,୨୦।୧(ନି.ପ୍ର.)

ତାଳଚେର ରାଇଫଲ କ୍ଲବ ପକ୍ଷରୁ ଦୁଇଦିନ ଧରି ଚାଲିଥିବା ୨୭ତମ ରାଜା ପ୍ରବୋଧଚନ୍ଦ୍ରଧୀର ବୀରବର ଶୁଟିଂ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହିତ ଉତ୍ସାହିତ କରିଥିଲେ।

ପ୍ରତିଯୋଗିତାର ୦.୧୭୭ ଏୟାର ପିସ୍ତଲ ପୁରୁଷ ବିଭାଗରେ ପ୍ରତ୍ୟୁଷ ବିଶ୍ୱାଳ ପ୍ରଥମ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ ୨ୟ, ଏମ୍‌ଡି ସାଜିଦ ରାଜା ୩ୟ ହୋଇଥିଲେ। ୦.୧୭୭ ଏୟାର ପିସ୍ତଲ ମହିଳା ବିଭାଗ ଜୁନିୟରରେ ସ୍ମୃତି ପାତ୍ର ପ୍ରଥମ, କାରିକା ତନଭି ୨ୟ, ଅଂଶୁପ୍ରିୟା ସଂଗ୍ରାମ ସିଂହ ୩ୟ ହୋଇଥିଲେ। ୦.୧୭୭ ଏୟାର ପିସ୍ତଲ ପୁରୁଷ ସିନିୟର ବିଭାଗରେ ପରେଶ କୁମାର ଷଡଙ୍ଗୀ ପ୍ରଥମ, ଗୁରୁପଦ ମହାନ୍ତି ୨ୟ, ପ୍ରକାଶ ସାହୁ ୩ୟ ହୋଇଥିଲେ। ୦.୧୭୭ ଏୟାର ପିସ୍ତଲ ମହିଳା ସିନିୟରରେ ସାହେବାଣୀ ଓରାମ ପ୍ରଥମ, ପ୍ରଚେଷ୍ଟୁ ସାହୁ ୨ୟ ଓ ସୁଚିସ୍ମିତା ପାତ୍ର ୩ୟ ସ୍ଥାନ ଅଧିକାର କରିଥିଲେ। ୦.୧୭୭ ଏୟାର ରାଇଫଲ ଓପନ ସାଇଟ୍ ପୁରୁଷ ଜୁନିୟର ବିଭାଗରେ ସିଦ୍ଧାର୍ଥ ଗଣେଶନ ପ୍ରଥମ, ସର୍ବାଂଶ ମିଶ୍ର ୨ୟ, ଆର୍‌ସିଆନ ପଟ୍ଟନାୟକ ୩ୟ ହୋଇଥିଲେ। ୦.୧୭୭ ଏୟାର ରାଇଫଲ ଓପନ ସାଇଟ ମହିଳା ଜୁନିୟର ବିଭାଗରେ ତନିଷ୍କା ସାମନ୍ତ ପ୍ରଥମ, ଦିବ୍ୟାଶା ଚୋପଦାର ୨ୟ, ଅନନ୍ୟାବାଖୀ ଓ ସାଇନା ସାହୁ ୩ୟ ସ୍ଥାନ ଅଧିକାର କରିଥିଲେ। ୦.୧୭୭ ଏୟାର ରାଇଫଲ ଓପନ୍ ସାଇଟ ପୁରୁଷ ସିନିୟର ବିଭାଗରେ ଅତିଶ କୁମାର ନାୟକ ପ୍ରଥମ, ରାଣା ପ୍ରତାପ ବ୍ରହ୍ମା ୨ୟ, ଜିତେନ୍ଦ୍ର କୁମାର ସାମନ୍ତ ୩ୟ ହୋଇଥିଲେ। ୦.୧୭୭ ଏୟାର ରାଇଫଲ ପିପ ସାଇଟ (୧୦ ମିଟର) ଜୁନିୟର ପୁରୁଷ ବିଭାଗରେ ସିଦ୍ଧାର୍ଥ ଗଣେଶନ ପ୍ରଥମ, ସର୍ବାଂଶ ମିଶ୍ର ୨ୟ, ଆଚାର୍ଯ୍ୟ ଶ୍ୟାମ ସମ୍ବିତ ୩ୟ ହୋଇଥିଲେ। ୦.୧୭୭ ଏୟାର ରାଇଫଲ ପିପି ସାଇଟ ମହିଳା ଜୁନିୟର ବିଭାଗରେ ଅନ୍ୱେଷା ଦାସ ପ୍ରଥମ, ନିଷ୍କା ସାମନ୍ତ ୨ୟ, ସର୍ବାଙ୍ଗୀ ମେହେର ୩ୟ ହୋଇଥିଲେ। ୦.୧୭୭ ଏୟାର ରାଇଫଲ ପିପି ସାଇଟ ସିନିୟର ପୁରୁଷ ବିଭାଗରେ ସିଦ୍ଧାର୍ଥ ଶଙ୍କର ମହାରଣା ପ୍ରଥମ, ଦେବାଶିଷ ରାଉତ ୨ୟ, ଅତିଶ କୁମାର ନାୟକ ୩ୟ ହୋଇଥିଲେ। ୦.୨୨ ପିସ୍ତଲ ସିନିୟର ବିଭାଗରେ ପ୍ରକାଶ ଚନ୍ଦ୍ର ସାହୁ ପ୍ରଥମ, ପ୍ରଚେଷ୍ଟୁ ସାହୁ ୨ୟ, ପୁଣ୍ୟଶ୍ଳୋକ ପଟ୍ଟନାୟକ ୩ୟ ହୋଇଥିଲେ। ୦.୩୨ ପିସ୍ତଲରେ ରାଣା ପ୍ରତାପ ବ୍ରହ୍ମା ପ୍ରଥମ, ଡ. ପ୍ରମେଶ ମିଶ୍ର ୨ୟ, ଯଓ୍ୱାନ ଦାସ ୩ୟ ହୋଇଥିଲେ। ଓପନବୋର ରାଇଫଲ ୫୦ ମିଟର ସିନିୟର ପୁରୁଷ ବିଭାଗରେ ପ୍ରକାଶ କୁମାର ସାହୁ ପ୍ରଥମ, ମହିଳା ବିଭାଗରେ ପ୍ରଚେଷ୍ଟୁ ସାହୁ ପ୍ରଥମ ଓ ସସ୍ମିତା ପାତ୍ର ୨ୟ ହୋଇଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସମ୍ପାଦକ ପ୍ରବୀରଚନ୍ଦ୍ର ଧୀରଦେବ ବିବରଣୀ ପାଠ କରିଥିଲେ। ଯୁଗ୍ମ ସମ୍ପାଦକ ଶରତ ଚନ୍ଦ୍ର ଦେବ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରମୋଦ ଚନ୍ଦ୍ର ସାହୁ, ପରେଶ ଚନ୍ଦ୍ର ପଟ୍ଟାନାୟକ, ଭୁବନେଶ୍ୱର ସାମନ୍ତ, ବିଶ୍ୱଜିତ ମିଶ୍ର, ସଙ୍କେତ ସାହୁ, ମାନସ ସିଂହ, ବିନୟ ମହାରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଡିଜି ଲଳିତ ଦାସ, ୧୦୦ ବାଟାଲିୟନର କର୍ନେଲ ଦେବଦତ୍ତ ସ୍ୱାଇଁ ଅତିଥିଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।



ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରକାଶ ସାହୁଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଅଟୋ-ବାଇକ୍ ଧକ୍କା

ବଓଁରପାଳ,୨୦।୧(ଡି.ଏନ.ଏ.)- ୫୫ ନଂ. ଜାତୀୟ ରାଜପଥ ବନ୍ଧା ଓଭର ବ୍ରିଜ୍ ନିକଟରେ ସୋମବାର ସନ୍ଧ୍ୟାରେ ଏକ ଅଟୋ-ବାଇକ ମଧରେ ଧକ୍କା ହୋଇଛି। ଫଳରେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରି ନାହିଁ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଚୋରା କୋଇଲା ଜବତ, ଜଣେ ଗିରଫ




ବଓଁରପାଳ,୨୦।୧(ଡି.ଏନ.ଏ.)- ବଓଁରପାଳ ପୋଲିସ ସୋମବାର ସକାଳେ ଚଢାଉ କରି ଏକ ଚୋରା କୋଇଲା ବୋଝେଇ ପିକ୍ଅପ ଭ୍ୟାନ୍ ଜବତ କରିଛି। ଏଥିସହ ଚାଳକ ସୁବ୍ରତ ନାୟକଙ୍କୁ ଗିରଫ କରିଛି। ଉକ୍ତ ପିକଅପ ଭ୍ୟାନରେ ପ୍ରାୟ ୪ ଟନ୍ କୋଇଲା ତାଳଚେର ଅଞ୍ଚଳରୁ ଢେଙ୍କାନାଳ ଅଭିମୁଖେ ଯାଉଥିବା ଖବରପାଇ ବଓଁରପାଳ ପୋଲିସ ଚଢାଉ କରିଥିଲା। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ବଇଣ୍ଡା,୨୦।୧(ଡି.ଏନ.ଏ.)- ହଣ୍ଡପା ଥାନା ପର୍ଶୁମାଳ ଗ୍ରାମର ନମିତା କୁମ୍ଭାରଙ୍କୁ ତାଙ୍କ ସ୍ୱାମୀ ଦୁଃଖିଆ ବେହେରା ନିର୍ଯାତନା ଦେଉଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୧/୨୦୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ନମିତା ବର୍ଷେ ତଳେ ବୈଦିକ ରୀତିରେ ବିବାହ କରିଥିଲେ। ସେହି ସମୟରେ ନମିତାଙ୍କ ପରିବାର ପକ୍ଷରୁ ୩୦ ହଜାର ଟଙ୍କା ସହ ଆସବାବପତ୍ର ଦିଆଯାଇଥିଲା। ହେଲେ କିଛିଦିନ ହେବ ତାଙ୍କ ଘରୁ ୫୦ ହଜାର ଟଙ୍କା ଆଣିବା ପାଇଁ କହି ତାଙ୍କୁ ମାଡ଼ ମରାଯାଉଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ସରପଞ୍ଚଙ୍କ ବିରୋଧରେ ପ୍ରଶାସନକୁ ଅଭିଯୋଗ

ବନ୍ତଲା,୨୦।୧(ଡି.ଏନ.ଏ.)

ଅନୁଗୋଳ ବ୍ଲକ ଛେଳିଆପଡା ସରପଞ୍ଚଙ୍କ ବିରୋଧରେ ୮ଜଣ ୱାର୍ଡମେମ୍ବର ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ସୋମବାର ସମ୍ପୃକ୍ତ ୱାର୍ଡମେମ୍ବରମାନେ ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗପତ୍ରରେ ଦର୍ଶାଯାଇଛି, ସରପଞ୍ଚ ନିୟମିତ କାର୍ଯ୍ୟାଳୟକୁ ଆସୁ ନ ଥିବାବେଳେ ତାଙ୍କ ସ୍ୱାମୀ ପଞ୍ଚାୟତର ଦୈନନ୍ଦିନ କାର୍ଯ୍ୟରେ ହସ୍ତକ୍ଷେପ କରୁଛନ୍ତି। ସେହିପରି ପଞ୍ଚାୟତର ସମସ୍ତ ବିକାଶମୂଳକ କାର୍ଯ୍ୟରେ ନିଜେ ଠିକାଦାର ସାଜି କାର୍ଯ୍ୟ କରୁଛନ୍ତି। ଏପରି କି ବାସିନ୍ଦା ପ୍ରମାଣପତ୍ର ପ୍ରଦାନ ପାଇଁ ସ୍ୱାମୀଙ୍କ ପରାମର୍ଶ ଲୋଡୁଛନ୍ତି। ଏଥିପାଇଁ ଜନସାଧାରଣ ବାରମ୍ବାର ସରପଞ୍ଚଙ୍କ ବାସଗୃହ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ହଇରାଣ ହେଉଛନ୍ତି। ୨୦୧୯-୨୦ରେ ପଞ୍ଚାୟତ ବିକାଶ ଯୋଜନା (ଜିପିଡିପି) ପ୍ରସ୍ତୁତ ସମୟରେ ୱାର୍ଡସଭ୍ୟାସଭ୍ୟମାନଙ୍କୁ ଉପେକ୍ଷା କରି ନିଜ ମନ ମୁତାବକ ପ୍ରକଳ୍ପ ସ୍ଥାନିତ କରିଛନ୍ତି। ସରପଞ୍ଚଙ୍କ ଏଭଳି କାର୍ଯ୍ୟ ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କ୍ଷେତ୍ରରେ ସରପଞ୍ଚଙ୍କ ଉପରେ ୱାର୍ଡମେମ୍ବରମାନେ ଆସ୍ଥା ପ୍ରକଟ କରିପାରୁ ନ ଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଅଭିଯୋଗପତ୍ର ପ୍ରଦାନ ସମୟରେ ନାଏବ ସରପଞ୍ଚ ସୁଧୀର ବାଘଙ୍କ ସମେତ ୱାର୍ଡମେମ୍ବର ଅଭିଜିତ ପ୍ରଧାନ, ଅରକ୍ଷିତ ନାଥ, ସରସ୍ୱତୀ ମୁଦୁଲି, ରୀନା, ସୁମତି ନାୟକ, ରୁନୁ ପ୍ରଧାନ, ବଚନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ଉପଜିଲାପାଳ, ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ କୁହନ୍ତି, ଅଭିଯୋଗ ପାଇବା ପରେ ଉପଜିଲାପାଳଙ୍କ ନିକଟକୁ ଅଭିଯୋଗପତ୍ର ପଠାଯାଇଛି।



ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

## ନିଖୋଜ ନାବାଳକଙ୍କ ମୃତଦେହ ଉଦ୍ଧାର

ତେଲକୋଇ, ୨୦।୧(ଡି.ଏନ.ଏ.)

ତେଲକୋଇ ଥାନା ଅନ୍ତର୍ଗତ ପୁରୁଯୋଡା ପଞ୍ଚାୟତର ବାଲିଯୋଡି ଗ୍ରାମ ରୁଗୁଡି ସାହିର ପୂର୍ଣ୍ଣଚନ୍ଦ୍ର ନାଏକ (୧୫) ଗତ ୧୦ ତାରିଖଠାରୁ ନିଖୋଜ ଥିଲେ। ପୁନିଆ ନିଜ ଘରକୁ ଗତ ୧୦ ତାରିଖ ରାତିରେ ଆସି ଖାଇସାରି ଟିଭି ଦେଖିବାକୁ ଯାଉଛି କହି ଆଉ ଫେରି ନ ଥିଲେ। ଏନେଇ ବାପା ପ୍ରହଲ୍ଲାଦ ନାଏକ ବିଭିନ୍ନ ବନ୍ଧୁ ବାନ୍ଧବ ଠାରୁ ଆରମ୍ଭ କରି ପାଖାପାଖି ଗ୍ରାମ ଗୁଡିକରେ ଖୋଜାଖୋଜି କରି ବିଫଳ ହୋଇଥିଲେ। ପରେ ତେଲକୋଇ ଥାନାରେ ୧୫ ତାରିଖ ଦିନ ପୁଅ ନିଖୋଜ ଥିବା ନେଇ ଲିଖିତ ଅଭିଯୋଗ କରିଥିଲେ । ଏହାପରେ ସୋମବାର ସକାଳ ସମୟରେ ଗ୍ରାମରେ ରହିଥିବା ଇଲେକ୍ଟ୍ରି ଟ୍ରାନ୍ସଫର୍ମର ପାଖରେ ଦୁର୍ଗନ୍ଧ ହେଉଥିବାରୁ କେତେକ ଲୋକ ଦେଖିବାକୁ ପାଇଥିଲେ । ପରିବାର ସଦସ୍ୟଙ୍କ ଚିହ୍ନଟ ପରେ ସଙ୍ଗେ ସଙ୍ଗେ ପୋଲିସକୁ ଖବର ଦିଆଯାଇଥିଲା । ପୋଲିସ ପହଞ୍ଚି ଶବ ଉଦ୍ଧାର କରିଥିଲା।

# ଗାଡ଼ି ଚାଳକଙ୍କୁ ସଚେତନ କଲେ ଛାତ୍ରୀଛାତ୍ର




ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ତାଳଚେର,୨୦।୧(ନି.ପ୍ର.)

ତାଳଚେର ଗଡତଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଏକ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଲେଜ ପରିସରରୁ ବାହାରିଥିବା ଏହି ଶୋଭାଯାତ୍ରା ନିକଟସ୍ଥ ଆନନ୍ଦବଜାର ଥର୍ମାଲ କଲୋନୀ ପରିକ୍ରମା କରିଥିଲା। ଟ୍ରାଫିକ ନିୟମ ମାନିବା, ପ୍ଲାଷ୍ଟିକ ବର୍ଜନ, ହେଲମେଟ ବ୍ୟବହାର କରିବା, ଗାଡି ଚାଳନା ବେଳେ ମୋବାଇଲ ବ୍ୟବହାର ନ କରିବା, ଦ୍ରୁତଗତିରେ ଗାଡି ନ ଚଳାଇବା, ସିଟ୍‌ବେଲ୍ଟର ବ୍ୟବହାର ସମ୍ପର୍କରେ ଛାତ୍ରୀଛାତ୍ରମାନେ ଲୋକଙ୍କୁ ସଚେତନ କରିଥିଲେ। ଏଥିସହ ହେଲମେଟ ପିନ୍ଧିଥିବା ବ୍ୟକ୍ତିଙ୍କୁ ସେମାନେ ଧନ୍ୟବାଦ ଜଣାଇବା ସହ ହେଲମେଟ ପିନ୍ଧି ନ ଥିବା ଲୋକଙ୍କୁ ଏହାର ବ୍ୟବହାର ପାଇଁ ଅନୁରୋଧ କରିଥିଲେ। କଲେଜ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପାଇକରାୟଙ୍କ ସମେତ ଅଧ୍ୟାପିକା, ଅଧ୍ୟାପିକ, କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜଙ୍ଗଲ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ




ସଚେତନତା ଶିବିରରେ ବନ ବିଭାଗ ଅଧିକାରୀ ଓ ସମିତିର କର୍ମକର୍ତ୍ତା।

ଛେଣ୍ଡିପଦା,୨୦।୧(ସ୍ୱ.ପ୍ର.)

ଅନୁଗୋଳ ଜିଲା ଜରପଡା ବନାଞ୍ଚଳ ସଭାଗୃହଠାରେ ଶୁକ୍ରବାର ଜଙ୍ଗଲ ନିଆଁ ନିରାକରଣ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜରପଡା ବନାଞ୍ଚଳ ଅଧିକାରୀ ହୃଦାନନ୍ଦ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ପ୍ରକୃତି ପରିବେଶ ବନ୍ୟପ୍ରାଣୀ ସମିତିର ଅଭୟ କୁମାର ଗାହାଣ, ଜରପଡ଼ା ଫରେଷ୍ଟର ଲୋକନଥ ପ୍ରଧାନ, ଓଏଫଡିସିର ସବ୍‌ଡିଭିଜନାଲ ମ୍ୟାନେଜର ବିଭୂତି ଭୂଷଣ ମିଶ୍ର, କେନ୍ଦୁପତ୍ର ବିଭାଗର ଫରେଷ୍ଟର ସରୋଜ କୁମାର ବେହେରା ପ୍ରମୁଖ ଯୋଗଦେଇ ଜଙ୍ଗଲ ଆମର ସମ୍ପତି ହୋଇଥିବାରୁ ଏହାର ରକ୍ଷା କରିବା ଆମର ଦାୟିତ୍ୱ ବୋଲି ପ୍ରକାଶ କରିଥିଲେ। ଶିବିରରେ ୪୦ରୁ ଉର୍ଦ୍ଧ୍ୱ ବନସୁରକ୍ଷା ସମିତିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବାଇକ୍‌ରୁ ପଡ଼ି ୨ ଗୁରୁତର

ଛେଣ୍ଡିପଦା,୨୦।୧(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ମାମୁରିଆ ଚାରବାଟି ଛକ ବୁଲାଣି ନିକଟରେ ସୋମବାର ବାଇକ୍‌ରୁ ପଡ଼ି ୨ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପୋଡାପଡା ଗ୍ରାମର କୃଷ୍ଣ ନାଏକ ଓ ଘନଶ୍ୟାମ ନାଏକ। ଘଟଣାରୁ ଜଣାପଡ଼ିଛି, ଘନଶ୍ୟାମ ଓ ତାଙ୍କ ଭାଇ କୃଷ୍ଣ ନୂଆପଡା ନିକଟରେ ଥିବା ହଷ୍ଟେଲରେ ଝିଅକୁ ଦେଖା କରି ଏକ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକ ଅଗ୍ନିଶମ ବିଭାଗ ଓ ୧୦୮ ଆମ୍ବୁଲାନ୍ସ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

ଆଠମଲ୍ଲିକ,୨୦।୧(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଲିପିଲୋଇ ଗ୍ରାମ ଖେଳପଡିଆରେ ଗୋଲଡେନ କ୍ଲବ ପକ୍ଷରୁ ସୋମବାର ୯ମ ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଜେଡି ନେତା କ୍ଷୀରୋଦ ବଘାର, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମେଷୁଆ, ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସର୍ବେଶ୍ୱର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ମ୍ୟାଚ ଅନୁଗୋଳ ହୋମଗାର୍ଡ ଟିମ୍ ଏବଂ ସୋନପୁର ଏକାଦଶ ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ହୋମଗାର୍ଡ ଟିମ୍ ୧-୦ ଗୋଲରେ ବିଜୟୀ ହୋଇଥିଲା। ଗୋଲଡେନ୍ କ୍ଲବ ସଭାପତି ମନ୍ମଥ ମେହେର, ସମ୍ପାଦକ ପ୍ରଫୁଲ୍ଲ ସାହୁ, କୋଷାଧ୍ୟକ୍ଷ କୃପାସିନ୍ଧୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପାତ୍ରପଡ଼ା ପଞ୍ଚାୟତରେ କୃଷି ସମାଧାନ ଶିବିର

ଛେଣ୍ଡିପଦା,୨୦।୧(ସ୍ୱ.ପ୍ର.)




ଜିଲାପାଳଙ୍କ ସମେତ ଶିବିରରେ ଉପସ୍ଥିତ ଅନ୍ୟ ଅଧିକାରୀମାନେ।

ଛେଣ୍ଡିପଦା ବ୍ଲକ ପାତ୍ରପଡା ପଞ୍ଚାୟତ ପରିସରରେ କୃଷି ବିଭାଗ ପକ୍ଷରୁ ସୋମବାର ଏକ କୃଷି ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନୁଗୋଳ ଜିଲା କୃଷି ଅଧିକାରୀ ଭୋଳାଶଙ୍କର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ ଚମ୍ପତିରାୟ, ଛେଣ୍ଡିପଦା ବିଡିଓ ସୁନୀଲ କୁମାର କେରକେଟା, ବ୍ଲକ ସହକାରୀ କୃଷି ଅଧିକାରୀ ବିନୋଦ କୁମାର ଦଳେଇ, ସହକାରୀ କୃଷି ଅଧିକାରୀ ସଦର କାର୍ଯ୍ୟାଳୟର ପ୍ରଦୀପ କୁମାର ନନ୍ଦ, ସହକାରୀ ମତ୍ସ୍ୟ ଅଧିକାରୀ ପ୍ରହଲ୍ଲାଦ ସେଠୀ, ପାତ୍ରପଡା ସରପଞ୍ଚ ଯୋଗେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କ କୃଷି ସମ୍ପର୍କିତ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି କୃଷି ଅଧିକାରୀ ଚାଷ କାର୍ଯ୍ୟ ପାଇଁ ବିଭିନ୍ନ ଯୋଜନା ଉପରେ ଚାଷୀମାନଙ୍କୁ ସଚେତନତା କରିବା ସହ ସରକାରୀ ବିଭାଗ ପକ୍ଷରୁ ମିଳୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଶିବିରରେ ପାତ୍ରପଡ଼ା ପଞ୍ଚାୟତର ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। ସ୍ଥାନୀୟ ଗ୍ରାମ୍ୟ କୃଷି କର୍ମଚାରୀ ସୁବ୍ରତ କୁମାର ଗଡନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନୀଳକଣ୍ଠ ସିଂ ପରିଚାଳନା କରିଥିଲେ। ସମସ୍ତ କୃଷି କର୍ମଚାରୀ ସହଯୋଗ କରିଥିଲେ।

# ସ୍ୱୟଂ ଶ୍ରୀ ନୃତ୍ୟ ଅନୁଷ୍ଠାନର ବାର୍ଷିକ ଉତ୍ସବ

ତାଳଚେର,୨୦।୧(ନି.ପ୍ର.)

ତାଳଚେର ଦେଉଳବେଡାସ୍ଥିତ ମଙ୍ଗଳମ୍ କ୍ଲବ ଠାରେ ସ୍ୱୟଂ ଶ୍ରୀ ନୃତ୍ୟ ଅନୁଷ୍ଠାନର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅନୁଷ୍ଠାନ ସଭାପତି ସୁମନ୍ତ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଓଡ଼ିଶୀ ନୃତ୍ୟ ଗୁରୁ ନିରଞ୍ଜନ ରାଉତ, ସମ୍ମାନିତ ଅତିଥି ଭାବେ ଲିଙ୍ଗରାଜ କ୍ଷେତ୍ରର ମହାପ୍ରବନ୍ଧକ ଅଶୋକ କୁମାର ଧଳ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ନିର୍ମାତା ତଥା ପ୍ରତିଷ୍ଠାତା ସମ୍ପାଦକ ଗୁରୁଜୀ ଶଙ୍କର ବାଇ ବାର୍ଷିକ ବିବରଣୀ ପାଠ କରିଥିଲେ। ଲକ୍ଷ୍ମୀଧର ଭୂତିଆ ସ୍ୱାଗତ ଅଭିଭାଷଣ ଓ ଯୁବ ଆଇନଜୀବୀ ଜ୍ଞାନେଶ୍ୱର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ହେମନ୍ତ ଖୁଣ୍ଟିଆ ମଞ୍ଚ ପରିଚାଳନା କରିଥିଲେ। ପରେ ସଚେତନାତାଧର୍ମୀ ନୃତ୍ୟ ପରିବେଷଣ କରାଯାଇଥିଲା। ଝରଣା ନାୟକ ଓ ଲିପିକା ଚାନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶ୍ୱେତପଦ୍ମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସସ୍ମିତା ବାଇ, ସଞ୍ଜିତ ପରିଡା, ରଞ୍ଜନ ପାଢ଼ୀ, ଲିପି ସାମଲ, କୁମୁଦିନୀ ମହାରଣା, ସୁପ୍ରିୟା ଶତପଥୀ, ସୁଭାଶିନୀ ଦ୍ୱିବେଦୀ, ନିଳାଦ୍ରୀ ସାମଲ, ଯଶୋବନ୍ତ ସାମଲ ପ୍ରମୁଖ ସହଯୋଗ କରିଥିଲେ।



ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ।

# ମୌଳିକ ସୁବିଧା ଅପହଞ୍ଚ



ଛେଣ୍ଡିପଦା,୨୦।୧(ସ୍ୱ.ପ୍ର.)

ଜଙ୍ଗଲ ଗ୍ରାମରୁ ରାଜସ୍ୱ ଗ୍ରାମର ମାନ୍ୟତା ପାଇଥିବା ଛେଣ୍ଡିପଦା ବ୍ଲକର ବଡ଼ମୂଳ ଗ୍ରାମବାସୀଙ୍କୁ ମୌଳିକ ସୁବିଧା ଏଯାଏ ମିଳିନାହିଁ। ବିଶେଷକରି ଗାଁକୁ ସଂଯୋଗ କରୁଥିବା ମାଟିରାସ୍ତାକୁ ସବୁଦିନିଆ ରାସ୍ତାରେ ପରିଣତ କରିବା ପାଇଁ ବାରମ୍ବାର ଦାବି କରାଯାଉଥିଲେ ବି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, କତଡା ପଞ୍ଚାୟତରୁ ବଡମୂଳ ଗ୍ରାମକୁ ସଂଯୋଗ କରୁଥିବା ପ୍ରାୟ ୮କି.ମି.ର ମାଟିରାସ୍ତା ଦୀର୍ଘଦିନ ହେବ ଶୋଚନୀୟ ହୋଇପଡିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ବଡମୂଳ, ଡାହିମାଳ, ପିତାଚରୀ ଡାହିମାଳ, ବକଳା, କତଡା ଆଦି ଗ୍ରାମସହ ଅନ୍ୟ ପାର୍ଶ୍ୱବର୍ତ୍ତୀ ଗ୍ରାମର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅସରାଏ ବର୍ଷା ହେଲେ ଉକ୍ତ ରାସ୍ତାଟି କାଦୁଅରେ ଭର୍ତ୍ତି ହୋଇଯାଉଛି। ଗ୍ରାମକୁ ଗାଡିରେ ଯିବା ଆସିବା କରିବା ତ ଦୂରକଥା ଚାଲିକି ଯିବା ମଧ ସେମାନଙ୍କ ପାଇଁ କଷ୍ଟସାଧ ହୋଇପଡୁଛି। ମୁଖ୍ୟମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଏହି ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। କିଛିଦିନ ତଳେ ମୁଖ୍ୟମନ୍ତ୍ରୀଙ୍କ ଆୱାର୍ଡ କମିଟି ଅଧ୍ୟକ୍ଷ ରବିନାରାୟଣ ବହିଦାର ଓ କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନିଲ କୁମାର ସାମଲଙ୍କ ଗସ୍ତବେଳେ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ବଡମୂଳ ଗାଁ ସଭାପତି ଶରତଚନ୍ଦ୍ର ସାହୁ, ସମ୍ପାଦକ ପ୍ରଦୀପ କୁମାର ଦେହୁରୀ, ଦେବରାଜ ସାହୁ, ନିଶାମଣି ସାହୁ, ଦୁଷ୍ମନ୍ତ ସାହୁ ପ୍ରମୁଖ ଦାବି କରିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଛେଣ୍ଡିପଦା ବିଡିଓ କହିଛନ୍ତି, ଉକ୍ତ ରାସ୍ତା ଜରପଡା ବନାଞ୍ଚଳ ସଂରକ୍ଷିତ ଜଙ୍ଗଲ ଅଧୀନରେ ଯାଉଛି। ତେଣୁ ରାସ୍ତା ନିର୍ମାଣ ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ଅନୁମତି ନିମନ୍ତେ ସରକାରୀ ନିୟମାନୁଯାୟୀ ପଦକ୍ଷେପ ନିଆଯାଇଛି। ଛେଣ୍ଡିପଦା ପଞ୍ଚାୟତ ସମିତି ଅଧୀନରେ ଥିବା ରାସ୍ତା ନିର୍ମାଣ ସହ ସମସ୍ତ ମୌଳିକ ସୁବିଧା ଯୋଗାଇ ଦିଆଯାଇଛି।

# ‘ସାଇକେଲ ଚଲାନ୍ତୁ ସୁସ୍ଥ ରୁହନ୍ତୁ’




ସାଇକେଲ ଦିବସ ଅବସରରେ ଶୋଭାଯାତ୍ରା।

ଛେଣ୍ଡିପଦା,୨୦।୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ପ୍ରଶାସନ ପକ୍ଷରୁ ଶନିବାର ସାଇକେଲ ଦିବସ ପାଳିତ ହୋଇଯାଇଛି। ବିଡିଓ ସୁନୀଲ କୁମାର କେରକେଟା ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆୟୋଜିତ ଶୋଭାଯାତ୍ରାରେ ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ବଜାର ପରିକ୍ରମା କରିବା ସହିତ ସାଇକେଲ ଚଲାନ୍ତୁ ସୁସ୍ଥ ରୁହନ୍ତୁ ବୋଲି ସଚେତନତା ବାର୍ତ୍ତା ଦେଇଥିଲେ। ସେହିପରି ଛେଣ୍ଡିପଦା ଓଡ଼ିଶା ଜୀବିକା ମିଶନର ବ୍ଲକ ସଂଯୋଜିକା ମାନସୀ ରାଉତଙ୍କ ନେତୃତ୍ୱରେ ବାଲିପଟାଠାରେ ସାଇକେଲ ଦିବସ ପାଳିତ ହୋଇଯାଇଛି। ଜିଲାପରିଷଦ ସଭ୍ୟ ଶ୍ରୀଧର ଗଡନାୟକ ଯୋଗଦେଇ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ଜୀବିକା ମିଶନର ସଂଯୋଜକ ସଞ୍ଜୟ କୁମାର ସାହୁ ଯୋଗଦେଇ ପ୍ରତିଦିନ ସାଇକେଲ ଚଳାଇବା ଦ୍ୱାରା ଦେହ ଓ ମନ ସୁସ୍ଥ ରହିଥାଏ ବୋଲି ମତପ୍ରକାଶ କରିଥିଲେ।

## ସଂକ୍ଷେପରେ

### ବସୁଲେଇ ଆବାସ ଯୋଜନା କେଲେଙ୍କାରୀ ଘଟଣା
## କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ

**ପରଜଙ୍ଗ, ୨୦।୧(ଡି.ଏନ.ଏ.):** ପରଜଙ୍ଗ ବ୍ଲକ ବସୁଲେଇ ପଞ୍ଚାୟତ ଅଧୀନ ଗୋପାଳସାହିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କେଲେଙ୍କାରୀ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଏ ନେଇ ରବିବାର 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ କାର୍ଯ୍ୟାନୁଷ୍ଠାନ ପାଇଁ ତତ୍ପରତା ଦେଖାଇଛି ବ୍ଲକ ପ୍ରଶାସନ। ସୋମବାର ବିଡିଓ ବସନ୍ତ କୁମାର ମଲ୍ଲିକ, ଜିପିଇଓ ସୁଦାମ ଚରଣ ସାମଲ ଗ୍ରାମକୁ ଯାଇ ତଦନ୍ତ କରିଛନ୍ତି। ଏ ନେଇ ବିଡିଓ କୁହନ୍ତି, ଗଣମାଧ୍ୟମରେ ପ୍ରକାଶିତ ତଥ୍ୟ ଆଧାରରେ ତଦନ୍ତ ଆରମ୍ଭ ହୋଇଛି। ଅଭିଯୋଗର ସତ୍ୟତା ରହିଛି। ନିର୍ମାଣାଧୀନ ଘର ପରିବର୍ତ୍ତେ ପୁରୁଣା ବାସଗୃହର ଫଟୋ ଉଠାଇ ନିଆଯାଇଥିବା ହିତାଧିକାରୀ ସବିତା ସାହୁ ସ୍ୱୀକାର କରିଛନ୍ତି। ଗ୍ରାମ ରୋଜଗାର ସେବକ (ଜିଆରଏସ୍) ଦୀପକ ପଣ୍ଡା ମଧ୍ୟ ନିଜର ଭୁଲ ମାନିନେଇଛନ୍ତି। ତତ୍କାଳୀନ ପିଇଓ ବାବୁଲାଲ ବାରିକଙ୍କୁ ଫୋନ୍ କଲେ ଉଠାଉନାହାନ୍ତି। ତାଙ୍କ ନାମରେ ମଧ୍ୟ ବିଭିନ୍ନ ଅନିୟମିତତା ଅଭିଯୋଗ ଆସିଛି। ଏଥିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁପାରିସ କରାଯାଇଛି। ସୂଚନାଯୋଗ୍ୟ, ସମ୍ପୃକ୍ତ ହିତାଧିକାରୀ ଘର କାମ ସମ୍ପୂର୍ଣ୍ଣ କରିନାହାନ୍ତି। ହେଲେ କମ୍ପ୍ୟୁଟରରେ ମିଥ୍ୟା ଫଟୋ ଅପ୍‌ଲୋଡ୍ କରି ଜିଆର୍‌ଏସ୍ ଏବଂ ତତ୍କାଳୀନ ପିଇଓ ଅର୍ଡର ସିଟ୍‌ରେ ଦସ୍ତଖତ କରି ବ୍ଲକକୁ ପଠାଇଥିଲେ। ସେପ୍ଟେମ୍ବରରେ ଏହାର ଫାଇନାଲ୍ ବିଲ୍ କରାଯାଇଛି। ଏ ନେଇ ପ୍ରଥମେ 'ଧରିତ୍ରୀ'ରେ ଖବର ପ୍ରକାଶିତ ହୋଇଥିଲା।

## ୨ରୁ କ୍ରୀଡ଼ା ମହୋତ୍ସବ

**କାମାକ୍ଷାନଗର, ୨୦।୧(ଡି.ଏନ.ଏ.):** ଗ୍ରାମାଞ୍ଚଳର କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବାକୁ ଫେବୃଆରୁ ୨ରୁ କାମାକ୍ଷାନଗରରେ ଆୟୋଜିତ ହେଉଛି କ୍ରୀଡ଼ା ମହୋତ୍ସବ। ଏହାକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ କ୍ରୀଡ଼ା ସଂସଦ ସଭାପତି ତଥା ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ମହୋତ୍ସବକୁ ସରସ ସୁନ୍ଦର ଓ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରତିଯୋଗିତାରେ ରାଜ୍ୟସ୍ତରୀୟ କ୍ରୀଡ଼ା ସଙ୍ଗଠନ, କ୍ଲବ ଭାଗନେବେ। ଭଲିବଲ, କବାଡ଼ି ସମେତ ବିଦ୍ୟାଳୟସ୍ତରୀୟ ଖୋଖୋ ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଖେଳାଳିଙ୍କ ରହିବା, ଖାଦ୍ୟପେୟ, ଯାତାୟାତ, କ୍ରୀଡ଼ା ପରିଚାଳନା, ଅତିଥି ସତ୍କାର ଲାଗି ବିଭିନ୍ନ କମିଟି ଗଠନ କରାଯାଇଛି। ଏହି ମହୋତ୍ସବ ଫେବୃୟାରୀ ୫ ଯାଏ ଚାଲିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଏସ୍‌ଡିପିଓ ସୁପ୍ରସନ୍ନ ମଲିକ, ଥାନାଧିକାରୀ ଅଭିନବ ଡାଲୁଆ, ତହସିଲଦାର ଅଜୟ କୁମାର ରାଉତ, ମହୋତ୍ସବ କମିଟିର ସଭ୍ୟ ପୂର୍ବତନ ନଗରପାଳ ଧର୍ମାନନ୍ଦ ପରିଡ଼ା, ସାମାଜିକ କର୍ମୀ ମଙ୍ଗତ୍‌ଲାଲ କଟାରୁକା, ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ, ମାୟାଧର ପାଣି, କ୍ରୀଡ଼ାସଂଘ ସମ୍ପାଦକ କୁନା ଆଚାର୍ଯ୍ୟ, ଏନ୍‌ଏସି ନିର୍ବାହୀ ଅଧିକାରୀ ଇଂ. ବିରଜା ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ପଥର ବ୍ଲାଷ୍ଟିଂକୁ ନେଇ ତେଜିଲା ଅସନ୍ତୋଷ

**କାମାକ୍ଷାନଗର, ୨୦।୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଝିଲ୍ଲୀ ଗ୍ରାମରେ ପଥର ବ୍ଲାଷ୍ଟିଂକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଏହାର ପ୍ରତିବାଦରେ ଗତ ରବିବାର ଅଞ୍ଚଳର ଶତାଧିକ ମହିଳା କ୍ରଶର ଆଗରେ ଧାରଣାରେ ବସିଥିଲେ। ସମସ୍ୟା ସମାଧାନ ଦାବିରେ ସୋମବାର ଗ୍ରାମବାସୀ ଏକାଠି ହୋଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପୁନର୍ବାର ଧାରଣା ଦେଇଥିଲେ।

ଅଭିଯୋଗ ଅନୁଯାୟୀ, ୫୩ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ଦାୟିତ୍ୱରେ ଥିବା ଠିକାସଂସ୍ଥା କୁନାଲ ଷ୍ଟ୍ରକ୍ଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ଉକ୍ତ କ୍ରଶରରୁ ପଥର ବ୍ଲାଷ୍ଟିଂ କରୁଛି। ଫଳରେ ଘରଦ୍ୱାର ଫାଟି କ୍ଷତିଗ୍ରସ୍ତ ହୋଇଛି। ଏ ନେଇ ଲୋକମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହାର ସମାଧାନ ନ ହେଲେ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଆନ୍ଦୋଳନରତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ତହସିଲଦାରଙ୍କୁ



ଉପଜିଲାପାଳଙ୍କୁ ଫେରାଦ ହେବାକୁ ଆସିଥିବା ଗ୍ରାମବାସୀ।

■ପରୀକ୍ଷାମୂଳକ ଭାବେ ପ୍ରଶାସନ କରିବ ବ୍ଲାଷ୍ଟିଂ

■କ୍ଷୟକ୍ଷତି ଆକଳନ ପରେ ଦିଆଯିବ କ୍ଷତିପୂରଣ

ପଠାଇ କ୍ଷୟକ୍ଷତି ଆକଳନ କରାଯିବ। କ୍ଷତିଗ୍ରସ୍ତ ଘରଗୁଡ଼ିକର ମରାମତି ବ୍ୟବସ୍ଥା କରାଯିବ। ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପରୀକ୍ଷାମୂଳକ ଭାବେ ବ୍ଲାଷ୍ଟିଂ କରାଯିବ। ଏଥିରୁ ପ୍ରକୃତରେ କ'ଣ କ୍ଷତି ହେଉଛି ତାହା ଜଣାପଡ଼ିବ। ଲୋକଙ୍କ ସହମତିରେ ସମସ୍ତ କାର୍ଯ୍ୟ ହେବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଜିଲା ପରିଷଦ ସଭ୍ୟା ସୁକାନ୍ତି ପ୍ରଧାନ, କମଳା ପ୍ରଧାନ, ଶାନ୍ତି ପ୍ରଧାନ, ବିଜୁଳି ବେହେରା, ଉର୍ବଶୀ ବେହେରା, ଶୈଳ ପ୍ରଧାନ, ବାସନ୍ତୀ ସାହୁ, କାଞ୍ଚନ ବେହେରା, ସିପ୍ରା ସାହୁ, ସସ୍ମିତା ପ୍ରଧାନ, ଝିଲି ପ୍ରଧାନ, ପିଙ୍କି ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ, ପ୍ରଫୁଲ୍ଲ ଦେହୁରୀ, ପ୍ରେମାନନ୍ଦ ପ୍ରଧାନ, ସନ୍ତୋଷ ସାହୁ, ଦିବାକର ବେହେରା, ବସନ୍ତ ସାହୁ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

# ପାଟରପଦା ସରପଞ୍ଚ ବହିଷ୍କୃତ

## ଆବାସ ଯୋଜନା ଅନିୟମିତତା

**ପରଜଙ୍ଗ, ୨୦।୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଦୁର୍ନୀତି ଅଭିଯୋଗ ଘଟଣାରେ ବହିଷ୍କୃତ ହୋଇଛନ୍ତି ସରପଞ୍ଚ ଦୁଃଶାସନ ବିଶ୍ୱାଳ। ସରପଞ୍ଚଙ୍କ ବହିଷ୍କାର ସମ୍ପର୍କରେ ଫୋନ୍ ଯୋଗେ ଉଚ୍ଚ କର୍ତ୍ତୃପକ୍ଷଙ୍କ ତରଫରୁ ସୂଚିତ କରାଯାଇଥିବା ବିଡିଓ ବସନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଅନ୍ୟପଟେ ଏହାକୁ ନେଇ ସରପଞ୍ଚ 'ଧରିତ୍ରୀ'କୁ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, ଆବାସ ଯୋଜନାରେ ଅର୍ଥ କାରବାର ସମ୍ପର୍କରେ ତାଙ୍କ ନାମରେ ଅଭିଯୋଗ ହୋଇଥିଲା। ହେଲେ ଅଭିଯୋଗକାରୀ କୌଣସି ପ୍ରମାଣ ଦେଇପାରି ନ ଥିଲେ। ବିରୋଧୀ ଗୋଷ୍ଠୀଙ୍କ ପ୍ରରୋଚନାରେ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନରେ ଅର୍ଥ କାରବାର ହେଉଥିବା ଅକ୍ଟୋବରରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ରାଜନୀତି ଜୋର୍ ଧରିଥିଲା। ଲାଞ୍ଚ କାରବାର



ଦୁଃଶାସନ ବିଶ୍ୱାଳ।

ସମ୍ପର୍କିତ ଭିଡିଓ ସୋସିଆଲ ମିଡିଆରେ ପ୍ରଘଟ ହୋଇଥିଲା। ସରପଞ୍ଚ ଲାଞ୍ଚ ମାଗୁଥିବା ଏବଂ ପ୍ରତିବାଦ କଲେ ଧମକ ଦେଉଥିବା ନେଇ ହିତାଧିକାରୀ ଲବଙ୍ଗ ବେହେରା, ସୁଶାନ୍ତ ବିଶ୍ୱାଳ, ଅଞ୍ଜଳି ଦେହୁରୀ ବିଡିଓ ଏବଂ ପଞ୍ଚାୟତିରାଜ ସଚିବଙ୍କ ନିକଟରେ ଅଭିଯୋଗ କରିଥିଲେ। ସେହିପରି ଗ୍ରାମର ଟିଟୁ ଦେହୁରୀଙ୍କ ସ୍ତ୍ରୀ ଏବଂ ବାପାଙ୍କ ନାମରେ ପୃଥକ୍ ଭାବେ ଆବାସ ଗୃହ କାର୍ଯ୍ୟାଦେଶ ମଞ୍ଜୁର କରାଯାଇଥିଲା। ଏପରି ଏକାଧିକ ଅଭିଯୋଗକୁ ଭିତ୍ତିକରି ରାଜ୍ୟ ସରକାର ସରପଞ୍ଚ ଦୁଃଶାସନଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡ଼ିଛି।

# ସମାଧାନ ହେଲା ୧୦୯ ଅଭିଯୋଗ

**ଢେଙ୍କାନାଳ ଅଫିସ, ୨୦।୧**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଭିନ୍ନ ଭତ୍ତା, ଆବାସ ସମେତ ମୋଟ ୧୫୫ ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥିରୁ ୧୦୯ଟିର ସମାଧାନ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୨ଜଣଙ୍କୁ ୨୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସେହିପରି ରେଡ୍‌କ୍ରସ୍ ସହାୟତା ପାଣ୍ଠିରୁ ୪ଜଣଙ୍କୁ ୯ହଜାର ଟଙ୍କା ଦିଆଯାଇଥିଲା।

ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଏସ୍‌ପି ଅନୁପମା ଜେମ୍‌ସ, ପିଡି ଡିଆରଡିଏ ନରୋତ୍ତମ ବେହେରା, ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର, ଉପଜିଲାପାଳ ସାଫଲ୍ୟମଣ୍ଡିତ ପ୍ରଧାନ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ବିଜୟାନନ୍ଦ ସାହୁ, ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରା, ବିଡିଓ ଶିବପ୍ରସାଦ ମିଶ୍ର, ତହସିଲଦାର ସୁଶାନ୍ତ କୁମାର ମିଶ୍ର, ଜରୁରିକାଳୀନ ବିଭାଗ ସହକାରୀ ଜିଲାପାଳ ଶଶାଙ୍କ ଶେଖର ମିଶ୍ର, ପିଜି ସେଲ ସହକାରୀ ଜିଲାପାଳ ସୀତାଂଶୁ ଶେଖର ଦାସ, ଅଧିକାରୀ ଲଳିତ ମାଧବ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।




ଜନଶୁଣାଣି ଶିବିରରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

## ବାଇକ୍ ଡିକି ଭାଙ୍ଗି ୧.୯୯ ଲକ୍ଷ ଲୁଟ୍

**ବାସୁଦେବପୁର,୨୦।୧(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର ସହର ମଧ୍ୟରେ ଥିବା ନୀଳମଣି ମାର୍କେଟ୍ କମ୍ପ୍ଲେକ୍ସ ସାମ୍ନାରୁ ସୋମବାର ମଧ୍ୟାହ୍ନରେ ଏକ ବାଇକ୍ ଡିକି ଭାଙ୍ଗି ୧.୯୯ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ କରାଯାଇଛି। ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତି ହେଲେ ସାନକୃଷ୍ଣପୁର ଗ୍ରାମର ତାପସ କୁମାର ଦାସ। ପୋଲିସ ଘଟଣାର ତଦନ୍ତ ଚଳାଇଛି। ତାପସ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେ ସ୍ଥାନୀୟ ଷ୍ଟେଟବ୍ୟାଙ୍କରୁ ଦେଢ଼ଲକ୍ଷ ଓ କୋଅପରେଟିଭ୍ ବ୍ୟାଙ୍କରୁ ୪୯ ହଜାର ଟଙ୍କା ଉଠାଇ ବାଇକ୍ ଡିକିରେ ରଖିଥିଲେ। ନୀଳମଣି ମାର୍କେଟ୍ କମ୍ପ୍ଲେକ୍ସରେ ପହଞ୍ଚି ସେଠାରେ ଗାଡ଼ି ରଖି ଜିନିଷ କିଣିବା ପାଇଁ ଯିବା ସମୟରେ ଜଣେ ଲୁଟେରା ଆସି ଡିକି ଭାଙ୍ଗି ଟଙ୍କା ନେଇ ଚମ୍ପଟ ମାରିଥିଲେ। ତେବେ ଲୁଟେରାଙ୍କ ପତ୍ତା ମିଳିପାରି ନ ଥିବା ପୋଲିସଠାରୁ ସୂଚନା ମିଳିଛି।

## ମହାପାଟ କ୍ରିକେଟ: ବଡ଼ଜୋରଡ଼ା ଚାମ୍ପିୟନ



**ପରଜଙ୍ଗ, ୨୦।୧(ଡି.ଏନ.ଏ.)**

ପରଜଙ୍ଗ ବ୍ଲକ କୁଆଲୋ ପଞ୍ଚାୟତ ଅଧୀନ ପରମହଂସପୁର ଗ୍ରାମରେ ଗତ ୧୩ ତାରିଖରୁ ଚାଲିଥିବା ମା' ମହାପାଟ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଲୋଧଣୀ କ୍ରିକେଟ କ୍ଲବକୁ ହରାଇ ତାଳଚେର ବଡ଼ଜୋରଡ଼ା ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଲୋଧଣୀ ମାତ୍ର ୪୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ଜବାବରେ ତାଳଚେର ୭ ଓଭରରେ ୬ ଉଇକେଟ ହରାଇ ବିଜୟ ପାଇଁ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ଦଳବେହେରା, ମୁଖ୍ୟବକ୍ତା କୁଲେଇ ଆଇରନ ପ୍ଲାଣ୍ଟ ଜିଏମ୍ ସଞ୍ଜୟ ଘୋଷ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଅନିଲ କୁମାର ଭୂତିଆ ମଞ୍ଚାସୀନ ଥିଲେ। ଚାମ୍ପିୟନ ଦଳକୁ ୧୦ହଜାର ଏବଂ ରନର୍ସ ଅପ୍ ଦଳକୁ ୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସଞ୍ଜୟ ସାହୁ, ସୁମନ୍ତ ସାହୁ, ଅମରେନ୍ଦ୍ର ଜେନା, ଲକ୍ଷ୍ମୀଧର ସାହୁ, ମୃତ୍ୟୁଞ୍ଜୟ ସାହୁ, କାହ୍ନା ସାହୁ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ରତ୍ନମୁଦ ପ୍ରତିଷ୍ଠା ଉତ୍ସବ

**ଢେଙ୍କାନାଳ ଅଫିସ, ୨୦।୧**

ଢେଙ୍କାନାଳ ପୌରାଞ୍ଚଳର ବନମାଳୀପ୍ରସାଦସ୍ଥିତ ବାବା ବୈଦ୍ୟନାଥେଶ୍ୱର ମନ୍ଦିରର ରତ୍ନମୁଦ ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ଠାକୁରଙ୍କ ନୀତିକାନ୍ତି ଶେଷ ହେବାପରେ ପୂର୍ବାହ୍ନ ୯ଟାରେ କଳସ ପୂଜା ଏବଂ ଯଜ୍ଞ ଆରମ୍ଭ ହୋଇଥିଲା। ୧୦ଟାରେ ରୁଦ୍ରାଭିଷେକ, ସାଢ଼େ ୧୨ଟାର ରତ୍ନମୁଦ ସ୍ଥାପନ ପରେ ଅପରାହ୍ନ ୪ଟାରେ ପୂର୍ଣ୍ଣାହୁତି ହୋଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ବିଧାୟକ ସୁଧୀର କୁମାର ସାମଲ ଉପସ୍ଥିତ ଥିଲେ। କମିଟିର ଅମୂଲ୍ୟ ସାହୁ, ପ୍ରତାପ ଖଟୁଆ, ଦିଲୀପ ସ୍ୱାଇଁ, ପ୍ରସନ୍ନ ରାଉତ, ସାରଙ୍ଗଧର ମିଶ୍ର, ହିମାଂଶୁ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ବିବି ହାଇସ୍କୁଲରେ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ

**ଢେଙ୍କାନାଳ ଅଫିସ, ୨୦।୧**

ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ ସୋମବାର ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ ଛାତ୍ରୀଛାତ୍ର ଉପଭୋଗ କରିଥିଲେ। ଦୂରଦର୍ଶନ ମାଧ୍ୟମରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ଯାଏ ଏହି କାର୍ଯ୍ୟକ୍ରମ ପ୍ରସାରିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ମୌସୁମୀ ସାହୁ ଏହାକୁ ଶୁଭାରମ୍ଭ କରିଥିଲେ। ୯ମ ଏବଂ ୧୦ ଶ୍ରେଣୀର ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏପରି କାର୍ଯ୍ୟକ୍ରମ ଛାତ୍ରୀଛାତ୍ର ଚାପମୁକ୍ତ କରିବ। ସେମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି। ଶିକ୍ଷକ ଦେବୀ ପ୍ରସାଦ ମିଶ୍ର, ସୁବାସ କୁମାର ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀମାନେ।

# ଶ୍ରୀଗୁରୁକୁଳର ବାର୍ଷିକ କ୍ରୀଡ଼ା ଉତ୍ସବ

**ଢେଙ୍କାନାଳ ଅଫିସ, ୨୦।୧**

ଢେଙ୍କାନାଳ ସହରର ଦକ୍ଷିଣକାଳୀ ରୋଡ୍‌ସ୍ଥିତ ଶ୍ରୀଗୁରୁକୁଳ ଆଦର୍ଶ ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ଥାନୀୟ ମୁଖ୍ୟ ଷ୍ଟାଡିୟମ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୀରାଲକ୍ଷ୍ମୀ ରଣା ଅଖଣ୍ଡଜ୍ୟୋତି ପ୍ରଜ୍ୱଳନ କରି ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ।

ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଅଜିତ ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବେଙ୍ଗଡିଆଁ, ୱାଣ୍ଡରଗେମ୍, ବିଗ୍ ସପର୍, ରନ୍ ଅନ୍ ଟ୍ରାକ୍, ବଲ୍ ଥ୍ରୋ, ବାଲାନ୍ସ ରେସ୍, ଫିଲ୍ ଦ ବକେଟ୍ ଆଦି ପ୍ରତିଯୋଗିତା ଖେଳାଯାଇଥିଲା। ସର୍ବକନିଷ୍ଠ ବିଭାଗରେ ଅଭିଜିତ ଇନ୍ଦ୍ରଜିତ ସିଂ, କନିଷ୍ଠରେ ଆରୟାନ୍ କୁମାର ବଳ ଏବଂ ବରିଷ୍ଠ ବିଭାଗରେ ସିଦ୍ଧିସନ୍ତୋଷିନୀଙ୍କୁ




ବାର୍ଷିକ କ୍ରୀଡ଼ାର କୃତୀ ପ୍ରତିଯୋଗୀମାନେ।

୨୦୧୯-୨୦ ଶିକ୍ଷାବର୍ଷର ଶ୍ରେଷ୍ଠ କ୍ରୀଡାବିତ୍ ଭାବରେ ରନିଂ ସିଲ୍ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଏବଂ ଅଭିଭାବକ ସହଯୋଗ କରିଥିଲେ।

# ଗୁଣାତ୍ମକ ଶିକ୍ଷା ଲାଗି ଯତ୍ନବାନ ହେବାକୁ ପରାମର୍ଶ

**କାମାକ୍ଷାନଗର, ୨୦।୧(ଡି.ଏନ.ଏ.)**

ଗୁରୁ-ଶିଷ୍ୟ ପରମ୍ପରା ଅତି ମହନୀୟ। ଏହାକୁ ବଜାୟ ରଖିବା ଲାଗି ଛାତ୍ରୀଛାତ୍ର ଅନବରତ ଉଦ୍ୟମ କରିବା ଆବଶ୍ୟକ। ସେହିପରି ଅଧ୍ୟାପିକାଅଧ୍ୟାପକମାନେ ମଧ୍ୟ ପିଲାମାନଙ୍କୁ ନିଜର ସନ୍ତାନ ଭାବେ ବିଚାର କରି ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦେଲେ ଭଲ ମଣିଷ ସୃଷ୍ଟି ହୋଇପାରିବେ ବୋଲି କହିଛନ୍ତି ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ। ସୋମବାର ମଠକରଗୋଳା ମହାବିଦ୍ୟାଳୟର ଅନୁଷ୍ଠିତ ୩୩ତମ ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏପରି ପରାମର୍ଶ ଦେଇଛନ୍ତି।

ସମ୍ମାନିତ ଅତିଥି ଭାବେ ଭୁବନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ଜିଲା ପରିଷଦ ସଭ୍ୟ ପ୍ରବୋଧ ଦାସ, ସରପଞ୍ଚ ସୁନେଲି ନାୟକ, ସମିତିସଭ୍ୟ ଜୟନ୍ତ କୁମାର ନାୟକ, ଗ୍ରାମ ସଭାପତି ଅଜୟ ନାୟକ ପ୍ରମୁଖ ମଞ୍ଚାସୀନ ରହି କଲେଜକୁ




ଅତିଥିମାନେ କଲେଜର ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି।

## ମଠକରଗୋଳା କଲେଜର ବାର୍ଷିକ ଉତ୍ସବ

ଜିଲାରେ ୧ନଂ. କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହ ଏକ ସ୍ମରଣିକା 'ମଉଳା ଭଣଜା' ଉନ୍ମୋଚିତ ହୋଇଥିଲା। ଡ. କୈଳାସ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଉପଦେଷ୍ଟା ଡ. ମଳୟ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ବିଜ୍ଞାନ ବିଭାଗର ବିଭିନ୍ନ ଲାବରୋଟୋରିକୁ ମୁଖ୍ୟଅତିଥି ଉଦ୍‌ଘାଟନ କରିଥିଲେ।

ଅଧ୍ୟାପିକା ସ୍ୱପ୍ନିତା ରାଉତ, ଅଧ୍ୟାପକ ସୁରେନ୍ଦ୍ର ସିଂ, ପ୍ରବୀର ବିଶ୍ୱାଳ, ପ୍ରଶାନ୍ତ ମିଶ୍ର, ସତ୍ୟପ୍ରକାଶ ଦାସ, ନୀଳମଣି ସାହୁ, ଲଳିତ ବେହେରା, ପ୍ରଫୁଲ୍ଲ ସାମଲଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ମଙ୍ଗଳବାର, ଜାନୁୟାରୀ ୨୧ /୨୦୨୦, Dhenkanal, Tuesday, January 21 / 2020

## ସଂକ୍ଷେପରେ

### ଏକାଠି ବାଣ୍ଟିଲେ ସଡ଼କ ସୁରକ୍ଷା ବାର୍ତ୍ତା

**କାମାକ୍ଷାନଗର, ୨୦।୧(ଡି.ଏନ.ଏ.):** ସ୍ଥାନୀୟ ପୋଲିସ ଏବଂ ଗଣମାଧମ ସଂଘର ମିଳିତ ସହଯୋଗରେ ସୋମବାର କାମାକ୍ଷାନଗରରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ମହିଳା ମହାବିଦ୍ୟାଳୟର ଛାତ୍ରୀ, ପୋଲିସ କର୍ମଚାରୀ, ପ୍ରଶାସକ, ଓକିଲ, ଖବରଦାତା, ରାଜନେତା, ଶିକ୍ଷକ ଏବଂ ସାମାଜିକ କର୍ମୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। କଲ୍ୟାଣ ମଣ୍ଡପ ସମ୍ମୁଖ ରାସ୍ତାରେ ଯାଉଥିବା ଲୋକଙ୍କୁ ସଡ଼କ ସୁରକ୍ଷାର ବିଭିନ୍ନ ନିୟମ ସମ୍ପର୍କରେ ସଚେତନ କରାଯାଇଥିଲା। ଟ୍ରାଫିକ୍ ନିୟମ ମାନୁଥିବା ଗାଡ଼ିଚାଳକଙ୍କୁ ଗୋଲାପ ଦିଆଯାଇଥିଲା। ଯେଉଁମାନେ ଏଥିରେ ଖିଲାପ କରୁଥିଲେ ସେମାନଙ୍କୁ ଲଲିପପ୍ ଦେଇ ସୁରକ୍ଷିତ ଯାତ୍ରା ସମ୍ପର୍କରେ ସଚେତନ କରାଯାଇଥିଲା। ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ତହସିଲଦାର ସଞ୍ଜୟ ରାଉତ, ଥାନାଧିକାରୀ ଅଭିନବ ଡାଲୁଆ, ଅବସରପ୍ରାପ୍ତ ଅଧକ୍ଷ ମେଜର ପ୍ରଭାତ କୁମାର ଦାସ, ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା, ଓକିଲ ସଂଘ ସଭାପତି ରଞ୍ଜନ କୁମାର ରାଉତ, ଡିଗ୍ରୀ ମହିଳା ମହାବିଦ୍ୟାଳୟ ଅଧକ୍ଷା ବନ୍ଦିତା ମହାନ୍ତି, କନିଷ୍ଠ ମହିଳା ମହାବିଦ୍ୟାଳୟର ଅଧକ୍ଷ ନିଗମାନନ୍ଦ ସାହୁ, ଜିଲା ପରିଷଦ ସଭ୍ୟ ପ୍ରେମାନନ୍ଦ ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ, ଯୁବକ ଏଥିରେ ସାମିଲ ହୋଇଥିଲେ।

# ଫେବୃୟାରୀ ୨୧ରେ କପିଳାସ ଜାଗରଯାତ୍ରା



ପ୍ରସ୍ତୁତି ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୨୦।୧**

- ପ୍ରାତଃ ୪ଟା ୨୦ରେ ଉଠିବ ମହାଦୀପ
- ଖର୍ଚ୍ଚ କମାଇଲା ପ୍ରଶାସନ
- ବ୍ୟୟ ଅଟକଳ ୬.୯୮ ଲକ୍ଷ ଟଙ୍କା
- ପ୍ଲାଷ୍ଟିକ ବ୍ୟବହାର ଉପରେ ଅଙ୍କୁଶ

କପିଳାସ କ୍ଷେତ୍ରାଧିପତି ମହାପ୍ରଭୁ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପ୍ରସିଦ୍ଧ ଜାଗରଯାତ୍ରା ଫେବୃୟାରୀ ୨୧ରେ ଅନୁଷ୍ଠିତ ହେବ। ଏହାକୁ ଶୃଙ୍ଖଳିତ କରିବାକୁ ସୋମବାର ଅପରାହ୍ନ ସାଢ଼େ ୩ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଧକ୍ଷତା କରି କହିଲେ, କପିଳାସ ଜାଗର ଯାତ୍ରା ଓଡ଼ିଶାରେ ପ୍ରସିଦ୍ଧ। ସବୁ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କଲେ ଏହା ବିଧିବ୍ୟବସ୍ଥିତ ହୋଇପାରିବ। ରାଜପୁରୋଧା ପଞ୍ଚାନନ ମିଶ୍ରଙ୍କ ଦ୍ୱାରା ଅନୁମୋଦିତ ସମୟ ନିର୍ଘଣ୍ଟ ଅନୁଯାୟୀ ପ୍ରାତଃ ୪ଟା ୨୦ରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବ ବୋଲି ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ସୂଚନା ଦେଇଛନ୍ତି।

ଗତବର୍ଷ ଯାତ୍ରା ପାଇଁ ୧୧ଲକ୍ଷ ବ୍ୟୟ ଅଟକଳ ହୋଇଥିବାବେଳେ ୧୦ଲକ୍ଷ ୩୩ ହଜାର ଖର୍ଚ୍ଚ ହୋଇଥିଲା। ଚଳିତବର୍ଷ ୬ଲକ୍ଷ ୯୮ହଜାର ୧୦୦ଟଙ୍କା ବ୍ୟୟ ଅଟକଳ କରାଯାଇଛି, ଯାହା ଗତବର୍ଷଠାରୁ ଯଥେଷ୍ଟ କମ୍। ପୀଠ ପରିସରରେ ଭଜନ ସମାରୋହ ଅନୁଷ୍ଠିତ ହେବା ପାଇଁ ସ୍ଥିର ହୋଇଛି। ହେଲେ ପୀଠ ପାଦଦେଶରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଚଳିତବର୍ଷ ବନ୍ଦ ରଖାଯାଇଛି। ମନ୍ଦିର ପରିସରରେ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଜାରି କରାଯିବ। ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଉଭୟ ଘାଟି ଓ ପାହାଚ ରାସ୍ତାରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା, ବିଦ୍ୟୁତ୍ କାଟ ସମୟରେ ଜେନେରେଟର ଏବଂ ସେସୁ ପକ୍ଷରୁ ଅଧିକ ଟ୍ରାନ୍ସଫର୍ମର ବସାଯିବ। ସେହିପରି ଅସ୍ଥାୟୀ ଦୋକାନୀଙ୍କୁ ସ୍ଥାନ ବଣ୍ଟନ କରାଯିବା ସହ ମହାସୁଲ ଆଦାୟ ହେବ। ଦେବୋତ୍ତର ଅଧିକାରୀ, ତହସିଲ ପ୍ରଶାସନ, ରାଜସ୍ୱ ବିଭାଗ, ପୋଲିସ ଏବଂ ସ୍ଥାନୀୟ ଜନପ୍ରତିନିଧି ଏହାକୁ ତଦାରଖ କରିବେ। ସାପ କବଳରୁ ଶ୍ରଦ୍ଧାଳୁଙ୍କୁ ସୁରକ୍ଷା ଦେବାକୁ ସ୍ନେକ୍ ହେଲ୍‌ପ ଲାଇନର ସଦସ୍ୟ ମୁତୟନ ହେବେ। ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ପାହାଚରୁ ଶିଉଳି ସଫା କରାଯିବ।

ଏ ସବୁକୁ ବାଦ୍ ଦେଲେ ଅଗ୍ନି ନିର୍ବାପକ, ଅସ୍ଥାୟୀ ଶୌଚାଳୟ, ପାନୀୟ ଜଳ, ଆଶୁ ଚିକିତ୍ସା, ନିଶା କାରବାର ବନ୍ଦ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ଯାନବାହନଗୁଡ଼ିକ ଯାତ୍ରୀଙ୍କୁ ମନ୍ଦିର ପରିସରରେ ଛାଡ଼ି ପୀଠ ତଳେ ଥିବା ଖାଲିସ୍ଥାନରେ ପାର୍କିଂ କରିବେ। ମନ୍ଦିର ପରିସରରେ ଲାଗିଥିବା ଏଲ୍‌ଇଡିରେ କପିଳାସ ପୀଠର ମହିମା ସମ୍ପର୍କିତ ଡକ୍ୟୁମେଣ୍ଟାରୀ ପ୍ରଦର୍ଶିତ ହେବ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସଶସ୍ତ୍ର ପୋଲିସ ମୁତୟନ ହେବେ ବୋଲି ଏସ୍‌ପି ଅନୁପମା ଜେମ୍‌ସ ସୂଚନା ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ପିଡି ଡିଆରଡିଏ ନରୋତ୍ତମ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଦେବୋତ୍ତର ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

### ୫୨ଲକ୍ଷ ଅଟକଳ, ପାଣି ସୁବିଧା ନୋହିଲା

କପିଳାସ ପୀଠରେ ପାଣି ସମସ୍ୟା ସବୁଦିନିଆ। ଏହାର ସମାଧାନ ଲାଗି ଦୁଇବର୍ଷ ତଳେ ଆରମ୍ଭ ହୋଇଥିଲା ବୃହତ୍ ପାନୀୟ ଜଳଯୋଗାଣ ପ୍ରକଳ୍ପ। ଏଥିରେ ୫୨ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ହେଲେ ପ୍ରକଳ୍ପ ଅଧାପନ୍ତରିଆ ହୋଇ ରହିଛି। ଜାଗରଯାତ୍ରାକୁ ହାତଗଣତି ଦିନ ବାକି ଥିବାବେଳେ ଏଥର ମଧ ଶ୍ରଦ୍ଧାଳୁମାନେ ଜଳକଷ୍ଟ ଭୋଗିବେ ବୋଲି ଆଲୋଚନା ହେଉଛି। ପାନୀୟଜଳ ସମସ୍ୟାର ସ୍ଥାୟୀ ସମାଧାନ ଲାଗି ୨୦୧୭-୧୮ରେ ୫୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ୨୦୧୮-୧୯ରେ ତତ୍କାଳୀନ ଜିଲାପାଳ ନିଖିଲ ପଵନ କଲ୍ୟାଣଙ୍କ ସମୟରେ କାମ ଆରମ୍ଭ ହୋଇଥିଲା। ପୀଠ ପାଦଦେଶରୁ ମନ୍ଦିର ଯାଏ ପାଣି ଯୋଗାଇଦେବାକୁ ଯୋଜନା କରାଯାଇଥିଲା। ହେଲେ ଏହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହାକୁ ନେଇ ବୁଦ୍ଧିଜୀବୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ନିର୍ବାହୀଯନ୍ତ୍ରୀ ବିଜୟାନନ୍ଦ ସାହୁ କୁହନ୍ତି, ପ୍ରକଳ୍ପ ଶେଷ ହେବାରେ ବିଳମ୍ବ ହୋଇଛି। ପୀଠ ପାଦଦେଶରେ ପାଇପ ବିଛାଇବା କାମ ଶେଷ ହୋଇଛି। ପୀଠ ଉପରେ ପାଇପ୍ ବିଛାଇବା ଲାଗି ଆବଶ୍ୟକ ଶ୍ରମିକ ମିଳୁନାହାନ୍ତି। ପ୍ରକଳ୍ପ କାମ ଶୀଘ୍ର ସାରିବାକୁ ଉଦ୍ୟମ ଜାରି ରହିଥିବା ନିର୍ବାହୀଯନ୍ତ୍ରୀ କହିଛନ୍ତି।

## 'ସମୟ ଚାଲିଗଲେ ଫେରେନାହିଁ'


ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୦।୧**

- ସୁଲକ୍ଷଣା ଦେବୀ ବାଳିକା ହାଇସ୍କୁଲର ବାର୍ଷିକ ଉତ୍ସବ

ଢେଙ୍କାନାଳ ସୁଲକ୍ଷଣା ଦେବୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ଏମ୍‌ପି ମହେଶ ସାହୁ କହିଲେ, ସମୟ ଓ ଚରିତ୍ର ଚାଲିଗଲେ ପୁଣି ଥରେ ଫେରାଇ ଆଣିବା କଷ୍ଟକର। କିଛି ନ୍ୟସ୍ତସ୍ୱାର୍ଥବାଦୀ ଲୋକ ପବିତ୍ର ଶିକ୍ଷାନୁଷ୍ଠାନକୁ ଦଖଲ କରି ଦାଦାଗିରି କରୁଛନ୍ତି। ଏହି ଅନୁଷ୍ଠାନ ପ୍ରତି କାହାର ଶ୍ରଦ୍ଧା ନାହିଁ। ଏଠି ଅନୁଶାସନ ନ ଥିଲା ବେଳେ ପ୍ରଶାସକ ମଧ ନୀରବ । ଏଭଳି ମାନସିକତାକୁ ଦୂର କରିବାକୁ ପଡ଼ିବ ବୋଲି ଏମ୍‌ପି କହିଥିଲେ। ସମ୍ମାନିତ ଅତିଥି ବିଧାୟକ ସୁଧୀର କୁମାର ସାମଲ କହିଲେ, କାହାକୁ ଆଘାତ ଦେବା ଅନୁଚିତ। ଛୋଟପିଲାଙ୍କ ଆଗରେ ପରିବାରର ମୁରବିମାନେ ସାମାଜିକ ବିବାଦ ସମ୍ପର୍କରେ ଆଲୋଚନା କରିବା କଥା ନୁହେଁ। ଏହାର ପ୍ରଭାବ ପିଲାଙ୍କ ଉପରେ ପଡ଼ିବା ଆଶଙ୍କା ବେଶି। ପିଲାଙ୍କୁ ଭଲ ମଣିଷ କରିବାରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଭଳି ଅଭିଭାବକଙ୍କ ଭୂମିକା ମଧ ଗୁରୁତ୍ୱପୂର୍ଣ୍ଣ। ଅଧିକାର ସାବ୍ୟସ୍ତ କରି ସ୍ୱାଭିମାନର ସହ ବଞ୍ଚିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ସୁସନ୍ଧ୍ୟା ମହାନ୍ତି, ଅନ୍ୟତମ ଅତିଥି ଭାବେ ବିଇଓ ନିତ୍ୟାନନ୍ଦ ବାରିକ, ଓଡ଼ିଶା ଲଳିତକଳା ଏକାଡେମୀ ସଦସ୍ୟ ପରେଶଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ସ୍ମରଣିକା ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ମିନତି ଦେହୁରୀ, ପରିଚାଳନା କମିଟି ସଭାପତି ପ୍ରତାପ କୁମାର ପଣ୍ଡା ଉପସ୍ଥିତ ଥିଲେ।




### ନୂତନ ପଞ୍ଚାୟତ ଗୃହ ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ, ୨୦।୧:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାଶିଆଡ଼ିହ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ସୋମବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ବିଧାୟିକା ସୀମାରାଣୀ ନାୟକ, ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତି, ଉପାଧକ୍ଷ କୋଦଣ୍ଡଧର ସାହୁ, ଜିଲା ପରିଷଦ ସଭ୍ୟା ସୁଚିତ୍ରା ପାତ୍ର, ସରପଞ୍ଚ ମିନତି ବେହେରା, ପୂର୍ବତନ ସରପଞ୍ଚ ସୁଶାନ୍ତ ସାହୁ, ବିଶ୍ୱମ୍ଭର ଖଟୁଆ, ବିଭୂତି ଚୌଧୁରୀ ପ୍ରମୁଖ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। କାଶିଆଡ଼ିହକୁ ପଞ୍ଚାୟତ ମାନ୍ୟତା ମିଳିବା ପରେ ଏହି ନୂତନ ଗୃହ ନିର୍ମାଣ କରାଯାଇଛି।

# ପ୍ରମୋଦ, ରଣଜିତ୍ ଚାମ୍ପିୟନ୍



ଚାମ୍ପିୟନ୍ ଯୋଡ଼ିକୁ ଟ୍ରଫି ପ୍ରଦାନ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୦।୧**

### ରାଜ୍ୟସ୍ତରୀୟ ଡବଲ୍ସ ବ୍ୟାଡ୍‌ମିଣ୍ଟନ

ଢେଙ୍କାନାଳ ବିନୋଦ ଭବନ କ୍ଲବ ପକ୍ଷରୁ ୩ଦିନ ଧରି ଆୟୋଜିତ ତୃତୀୟ ରାଜ୍ୟସ୍ତରୀୟ ପୁରୁଷ ଡବଲ୍ସ ଓପନ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ପ୍ରତାପ ସିଂ-ଅମିତ ଛୋଟରାୟ ଯୋଡ଼ିକୁ ୨୨-୨୦, ୨୧-୧୪ ସେଟ୍‌ରେ ହରାଇ କଟକର ପ୍ରମୋଦ ରଣା, ରଣଜିତ ବନ୍ତ ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ଜାତୀୟସ୍ତରୀୟ ରେଫରୀ ଦିଲୀପ ନାୟକ, ସ୍ୱାଧୀନ ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କ୍ଲବ ସଭାପତି କ୍ୟାପ୍‌ଟେନ ଅଶ୍ୱିନୀ କୁମାର ବରାଳ, ସମ୍ପାଦକ ବରଦା ପ୍ରସାଦ ନନ୍ଦ, ଉପସଭାପତି ଡ. ପ୍ରଫୁଲ୍ଲ କୁମାର ଦାସ, ଯୁଗ୍ମ ସମ୍ପାଦକ ସ୍ୱାଧୀନ ତ୍ରିପାଠୀ, ଅଭିଜିତ୍ ବରାଳ, କୋଷାଧକ୍ଷ ଅଭୟ ଚରଣ ପଟ୍ଟନାୟକ, ବ୍ୟାଡ୍‌ମିଣ୍ଟନ ଖେଳାଳି ବିକାଶ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଯୋଡ଼ିଙ୍କୁ 'ଦେବେନ୍ଦ୍ର ପଟ୍ଟନାୟକ ସ୍ମାରକୀ ଟ୍ରଫି' ପ୍ରଦାନ କରଥିଲେ। ପ୍ରତିଯୋଗିତାରେ କଟକ, ଭୁବନେଶ୍ୱର, ଢେଙ୍କାନାଳ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ୪୨ଯୋଡ଼ି ଖେଳାଳି ଅଂଶଗ୍ରହଣ କରିଥିଲେ।

### ହାତୀ ଚଲାପଥରେ ଲାଗିଲା ସୋଲାର ଲାଇଟ୍

**ଢେଙ୍କାନାଳ ଅଫିସ, ୨୦।୧**

ଢେଙ୍କାନାଳ ବନଖଣ୍ଡ ସଦର ରେଞ୍ଜ ଗଦାଶିଳା ଫରେଷ୍ଟ ସେକ୍ସନ ଅଧୀନ ହାତୀ ଚଲାପଥରେ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ସୋଲାର ଲାଇଟ ଲଗାଯାଇଛି। ଗଦାଶିଳା ଫରେଷ୍ଟ ସେକ୍ସନରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଅନ୍ଧାର ରାତିରେ ଯାତାୟାତ ବେଳେ ହାତୀ-ମଣିଷ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜୁଛି। ଫଳରେ ଅନେକ ସମୟରେ ଧନଜୀବନ ହାନି ହେଉଛି। ଏହାକୁ ନେଇ ବନ ବିଭାଗ ପକ୍ଷରୁ ଦାଣ୍ଡିମାଳ ଷ୍ଟେସନ ନିକଟ ରେଙ୍ଗାଳି କେନାଲ ଉଭୟପାର୍ଶ୍ୱରେ ଅବସ୍ଥିତ ସଦାଶିବପୁର ରାସ୍ତା, ସିମିନଇ ରାସ୍ତା, ବଉଳପୁର ରାସ୍ତା, ସଦାଶିବପୁର ଶିବ ମନ୍ଦିର, ରସାସିଂହ କେନାଲ, ତେନ୍ତୁଳିଆପଡ଼ା କେନାଲ, ସୁଧାଡ଼ିହକାଟେଣୀ ନିକଟରେ ମୋଟ ୭ଟି ସୋଲାର ଲାଇଟ୍ ବ୍ୟବସ୍ଥା କରାଯାଇଛି। ଏହି ଲାଇଟ୍ ସୌରଶକ୍ତି ଦ୍ୱାରା ଚାର୍ଜ ହେବ। ରାତିରେ ଆପେ ଆପେ ଜଳିବ। ଏଥିରେ କୌଣସି ସୁଇଚ୍‌ର ଆବଶ୍ୟକତା ନ ଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।







| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍ ଟାବ୍‌ଲେଟ୍‌ସ, ଆକ୍ସା ଜେଷ୍ଟ |
| ଆମୋବିଆସିସ୍ | ଆମୋଏବିକା ଟାବ୍‌ଲେଟ୍‌ସ, ଇସାବେଲ୍ - ଏଚ୍ |
| ଥଣ୍ଡା ଓ କାଶ | କାଶାମ୍ରିତ ହର୍ବାଲ୍, ଡ.ହନି |
| ଗ୍ୟାସ୍ | ଗ୍ୟାସ ଗାର୍ଡ଼, ଗୈସାନ୍ତକ୍ ବଟି |
| ଲିଭର ସମସ୍ୟା | ଲିଭେରଲ୍ ସିରପ ଓ ଟାବ୍‌ଲେଟ୍‌ସ, ଲିଭ୍ ଗୁଡ୍ |
| ପାଇଲ୍‌ସ | ପାଇଲୋସ୍ କ୍ୟାପ୍‌ସୁଲ୍, ପାଇରୋଏଡ୍‌ସ ଟାବ୍‌ଲେଟ୍‌ସ |
| କ୍ଳାନ୍ତିଭାବ ଓ ଦୁର୍ବଳତା | ଗୁଡ୍‌କେୟାର ଜେଷ୍ଟ ମେନ୍ ଏଣ୍ଡ ଓମେନ୍ କ୍ୟାପ୍‌ସୁଲ୍‌ସ |
| ପରିସ୍ରାଜନିତ (ୟୁରିନାରି) ସମସ୍ୟା | ପ୍ରୋସ ଗାର୍ଡ଼ କ୍ୟାପ୍‌ସୁଲ୍‌ସ, ପ୍ରୋଷ୍ଟେଡ୍ ଟାବଲେଟ୍‌ସ |
| ପରିସ୍ରାଜନିତ (ୟୁରିନାରି) ଷ୍ଟୋନ୍‌ସ | ପଥରିନା ଟାବ୍‌ଲେଟ୍‌ସ |
| ମହିଳାଙ୍କ ସମସ୍ୟା | ସୁନ୍ଦରି ଶାଖି, ବୈଦ୍ୟନାଥ ଅଶୋକାରିଷ୍ଟ |
| ପିମ୍ପଲ୍ ଓ ବ୍ରଣ | ଗୁଡ୍‌କେୟାର ପ୍ୟୁରିଫାଇଂ ଆଣ୍ଟି ଆକ୍‌ନେ ଫେସ୍ ସେିରମ୍, ନିମ ଗାର୍ଡ଼, ସୁରକ୍ତା |
| କୋଲେଷ୍ଟ୍ରଲ | କୋଲେଷ୍ଟ ଗାର୍ଡ଼, ଗୁଡ୍ ହାର୍ଟ |
| ନିଦ୍ରାରେ ସମସ୍ୟା/ଇନ୍‌ସୋମ୍‌ନିଅ | ନାଇଟ୍‌ଜ କ୍ୟାପ୍‌ସୁଲ୍‌ସ |
| ଚାପ ଓ ଉଦ୍‌ବିଗ୍ନତା | ଷ୍ଟ୍ରେସ୍ ଗାର୍ଡ଼ କ୍ୟାପ୍‌ସୁଲ୍‌ସ |

ସମସ୍ତ ବୈଦ୍ୟନାଥ ଆୟୁର୍ବେଦିକ ରିଟେଲ୍ ସୋରୁମ୍ ଓ କ୍ଲିନିକ୍‌ରେ ଔଷଧ ଉପଲବ୍ଧ ଅଟେ
ଭୁବନେଶ୍ୱର-2596035, 2596036, 9437165004, 9668721777, କଟକ-2427570, 9439486929, 9438276544, 9437511462, ଆଠଗଡ଼-9132476972, ବାଲେଶ୍ୱର-9438725025, 9777093442, ଜଲେଶ୍ୱର-9040161611, ଭଦ୍ରକ-9437215761, ବାରିପଦା-253418, ରାଉରକେଲା-2522005, ବରଗଡ଼-9861246674, 9938645223, କୁଚିଣ୍ଡା-9437255846, କେନ୍ଦ୍ରାପଡ଼ା-9853631559, ଯାଜପୁର-9937316754, ପାଇକମାଳ-9437057611, ସମ୍ବଲପୁର-8763343900, ବ୍ରହ୍ମପୁର-9777122789, 9439328443, 9437438256, ପୁରୀ-9337291464, ପାରଳାଖେମୁଣ୍ଡି-9078830679, କେଉଁଝର-6370698870,9437136317, ମାଲ୍‌କାନଗିରି-9437435213, ଅନୁଗୁଳ-9938175640, ସୁନ୍ଦରଗଡ଼-7749070946, ବଲାଙ୍ଗିର-9437241839, ଖୋର୍ଦ୍ଧା-9937846846, ଭବାନିପାଟଣା-9437624887
Shop Online: www.baidyanath.com | www.goodcare.co.in

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ